# ଭିକ୍ଷୁକ ଥଇଥାନ କେନ୍ଦ୍ରରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ଅଭିଯୋଗ






**ଦାୟିତ୍ୱରେ ଥିବା ଏନ୍‌ଜିଓଙ୍କୁ ହଟାଇବା ପାଇଁ ଦାବି**

**ରାଉରକେଲା, ୧୩।୪(ସମିସ)**

ରାଉରକେଲା ସ୍ମାର୍ଟସିଟିକୁ ଭିକାରୀମୁକ୍ତ କରିବା ପାଇଁ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ସେକ୍ଟର - ୮ ଠାରେ 'ବିକାଶ' ଏନଜିଓ ଦ୍ୱାରା ପରିଚାଳିତ ଭିକ୍ଷୁକଙ୍କୁ ଥଇଥାନ ନିମିତ୍ତ ବୟସ୍କ ଭିକ୍ଷୁକ ଥଇଥାନ କେନ୍ଦ୍ର 'ଆଶାର ଆଲୋକ'ରେ ଭିକ୍ଷୁକମାନଙ୍କ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଟଙ୍କାକୁ ହରିଲୁଟ କରାଯାଉଥିବା ଗୁରୁତର ଅଭିଯୋଗ ହୋଇଛି । ଯାହା ଫଳରେ ଅନ୍ତେବାସୀ ବୟସ୍କ ଭିକ୍ଷୁକମାନେ ଉକ୍ତ କେନ୍ଦ୍ରରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି । ତୁରନ୍ତ ପରିଚାଳନା ଦାୟିତ୍ୱରେ ଥିବା ଏନଜିଓ ସଂସ୍ଥାକୁ ହଟାଇ ଅନ୍ୟ ସଂସ୍ଥାକୁ ହସ୍ତାନ୍ତର କରିବା ପାଇଁ ରାଜ୍ୟ ଶିଶୁ ଆୟୋଗ ଅଧ୍ୟକ୍ଷା କଳ୍ପନା ଲେଙ୍କା ସୁନ୍ଦରଗଡ଼ ଜିଲ୍ଲାପାଳ ଏବଂ ରାଜ୍ୟ ମହିଳା କମିସନ ଅଧ୍ୟକ୍ଷାଙ୍କୁ ଚିଠି ଲେଖି ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ, ଉକ୍ତ ଆଶାର ଆଲୋକ ବୃଦ୍ଧବୃଦ୍ଧା ଭିକ୍ଷୁକ ଥଇଥାନ କେନ୍ଦ୍ରରେ ୫୨ ଜଣ ଅନ୍ତେବାସୀ ରହିଥିବା ବେଳେ କାଗଜପତ୍ରରେ ୧୦୦ରୁ ଅଧିକ ସଂଖ୍ୟା ଦେଖାଯାଉଛି । ସେମାନଙ୍କ ଥଇଥାନ, ଖାଇବା, ପିଇବା ପୋଷାକ ପରିଚ୍ଛଦ ଆଦି ପାଇଁ ଆସୁଥିବା ସରକାରୀ ଅନୁଦାନକୁ ସମ୍ପୂର୍ଣ୍ଣ ଭାବେ ଚଳୁ କରାଯାଉଥିବାରୁ ବୟସର ଅପରାହ୍ନରେ ଭିକ୍ଷୁକମାନେ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ କାଳାତିପାତ କରୁଛନ୍ତି । ଜୀବନ ଶେଷ ସମୟରେ 'ଆଶାର ଆଲୋକ' ସେମାନଙ୍କୁ ଆଲୋକ ଦେବା ପରିବର୍ତ୍ତେ ଦାୟିତ୍ୱରେ ଥିବା ଏନଜିଓ 'ବିକାଶ' ସେମାନଙ୍କୁ ଅନ୍ଧକାର ଭିତରକୁ ଠେଲିଦେଇଥିବା ଦେଖିବାକୁ ମିଳିଛି । ବରଂ ଅନ୍ୟ ଏକ ସ୍ୱେଚ୍ଛାସେବୀ ସଂସ୍ଥା ସେମାନଙ୍କ ପାଇଁ ଏକ ନୂତନ ଆଶାର ଆଲୋକ ସାଜି ଦିନକୁ ଦୁଇ ବେଳା ଖାଦ୍ୟ ପରିବେଷଣ କରୁଥିବା ଦେଖିବାକୁ ମିଳିଛି । ଏନେଇ ରାଜ୍ୟ ଶିଶୁ ଆୟୋଗ ଅଧ୍ୟକ୍ଷା କଳ୍ପନା ଲେଙ୍କା ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ଏହି ଭିକ୍ଷୁକ ଥଇଥାନ କେନ୍ଦ୍ର ଆଶାର ଆଲୋକ କେନ୍ଦ୍ରରେ ୫୨ ବୃଦ୍ଧବୃଦ୍ଧା ରହୁଛନ୍ତି । ଅନ୍ତେବାସୀମାନେ ଅତ୍ୟନ୍ତ ଦୟନୀୟ ତଥା ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହୁଛନ୍ତି । ସେମାନଙ୍କୁ ଦିନକୁ ଦୁଇ ମୁଠା ଠିକ୍ ଭାବେ ଖାଇବାକୁ ମିଳୁନି । ଯାହା ଦିଆଯାଉଛି ଅତ୍ୟନ୍ତ ନିମ୍ନମାନର ଖାଦ୍ୟ ଦିଆଯାଉଛି । ଶୌଚାଳୟ ବ୍ୟବହାର ଉପଯୋଗୀ ହେଉନି । ପରିମଳ ବ୍ୟବସ୍ଥା ପ୍ରତି ପରିଚାଳନା ଦାୟିତ୍ୱରେ ଥିବା ଠିକାସଂସ୍ଥା ଆଦୌ ଧ୍ୟାନ ଦେଉନାହାନ୍ତି । ଯଦି କୌଣସି ଅନ୍ତେବାସୀ କେନ୍ଦ୍ରର ଅବ୍ୟବସ୍ଥା ସମ୍ପର୍କରେ ଅନ୍ୟମାନଙ୍କୁ କିଛି କହୁଛନ୍ତି, ସେମାନଙ୍କୁ ଧମକଚମକ ଦିଆଯାଉଛି । ସରକାର ମାସକୁ ଅନ୍ୟୁନ ୩ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ହେଁ ତାହା କୁଆଡେ ଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଗତ ଫେବୃଆରୀ ମାସରେ ସେ କେନ୍ଦ୍ର ପରିଦର୍ଶନ କରିଥିଲେ । ବିଏସ୍‌ଏସ୍‌ଓ ଉପସ୍ଥିତିରେ ଅଧିକାଂଶ ଅନ୍ତେବାସୀ ତାଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପର୍କରେ ଅଭିଯୋଗ କରିଥିଲେ । ବୃଦ୍ଧବୃଦ୍ଧାଙ୍କ ଏଭଳି ଅଭିଯୋଗ ସମ୍ପର୍କରେ ସେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କୁ ମଧ୍ୟ ଜଣାଇବା ସହ ପରିଚାଳନା ଦାୟିତ୍ୱରେ ଥିବା ଠିକାସଂସ୍ଥାକୁ କାର୍ଯ୍ୟରୁ ନିବୃତ୍ତ କରିବାକୁ କହିଥିଲେ । ଶିଶୁ ମଙ୍ଗଳ ସମିତିର ପୂର୍ବତନ ସଦସ୍ୟ ରଣଧୀର ଲେଙ୍କା କହିଛନ୍ତି ଯେ, ରୋଷେଇ ଘର ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ରହିଥିବା ବେଳେ ବସ୍ତା ବସ୍ତା ପୋକରା ଚାଉଳ ପଡ଼ିରହିଛି । ଅତ୍ୟନ୍ତ ନିମ୍ନମାନର ଖାଦ୍ୟ ପ୍ରସ୍ତୁତ କରାଯାଇ ଅନ୍ତେବାସୀଙ୍କୁ ପରିବେଷଣ କରାଯାଉଛି । ଏପରିକି ସେମାନେ ଦେଇଥିବା ଏକ ବଡ ଇଟିଲ ଛାଞ୍ଚ ଏପର୍ଯ୍ୟନ୍ତ ବ୍ୟବହାର ନ ହୋଇ ନୂଆ ଭାବେ ପଡ଼ିରହିଛି । ପୁନଶ୍ଚ ଟେଣ୍ଡର କରି ଉକ୍ତ ସଂସ୍ଥାକୁ ପରିଚାଳନା ଦାୟିତ୍ୱ ଦିଆଯାଉଛି ବୋଲି ଅଭିଯୋଗ ହୋଇଛି । ଏନେଇ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମିତାଲୀ ରାଣା କହିଛନ୍ତି, ନୂଆ ସଂସ୍ଥାର ସମୟ ଅବଧି ସରିଯାଇଛି । ନୂଆ ଠିକା ସଂସ୍ଥାକୁ ପରିଚାଳନା ଦେବାକୁ ନିଷ୍ପତ୍ତି ନିଆଯାଇଛି । ତେବେ ଜିଲ୍ଲା ପ୍ରଶାସନ ଏହି ଘଟଣା ସମ୍ପର୍କରେ କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ଆର୍‌ଏସ୍‌ପିରେ ଗଣଯୋଗାଯୋଗ କାର୍ଯ୍ୟକ୍ରମ




**ରାଉରକେଲା, ୧୩।୪(ସମିସ):** ରାଉରକେଲା ଇସ୍ପାତ କାରଖାନାର ଗୋପବନ୍ଧୁ ଅଡିଟୋରିୟମ ପରିସରରେ ଆଜି ୮୭୬ ତମ ଗଣଯୋଗାଯୋଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆରଏସପିର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ଯୋଗଦେଇ ସମ୍ପ୍ରତି ସମୟର ଦୁଇଟି ଆହ୍ୱାନ ରହିଛି । ଗୋଟିଏ ମୂଲ୍ୟ ଅନୁକୂଳନ ସୁନିଶ୍ଚିତ କରିବା ଏବଂ ଅନ୍ୟଟି ଭବିଷ୍ୟତରେ ଆମର କ୍ୟାପେକ୍ସ ଯୋଜନାରେ ପରିକଳ୍ପିତ ୯.୮ ମେଟ୍ରିକ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ ହାସଲ କରିବା । ପରିବର୍ତ୍ତିତ ଇସ୍ପାତ ବଜାର ଏବଂ ବର୍ତ୍ତମାନର ଭୂ-ରାଜନୈତିକ ଗତିଶୀଳତାରେ ପ୍ରତ୍ୟେକ କାର୍ଯ୍ୟକଳାପରେ ଖର୍ଚ୍ଚ ହ୍ରାସ କରିବା ହେଉଛି ଆମ ବଞ୍ଚିବାର ଚାବିକାଠି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଓଜିଓଏମ, ସିଏମଏଲଓର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଆର ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ଏବଂ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍ ପାଲଚୌଧୁରୀ ମଞ୍ଚରେ ଉପସ୍ଥିତ ଥିଲେ । ଏହି ଅଧିବେଶନରେ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମ୍ ଓ ଇନଚାର୍ଜ ଡକ୍ଟର ଜେକେ ଆଚାର୍ଯ୍ୟଙ୍କ ସମେତ କାରଖାନାର ବହୁ ସିଜିଏମ୍ ଏବଂ ଏଚ୍‌ଓଡିଙ୍କ ତଥା ଖଣି ସମେତ ଆରଏସପିର ବିଭିନ୍ନ ବିଭାଗର ପ୍ରାୟ ୫୦୦ ଜଣ କର୍ମଚାରୀ ଯୋଗ ଦେଇଥିଲେ । ଶ୍ରୀ ପଲାଇ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରତ୍ୟେକ କର୍ମଚାରୀଙ୍କୁ ସପ୍ ଗୁଡିକରେ ନିଜର ଏବଂ ଅନ୍ୟମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ । ଶ୍ରୀ ପାଲଚୌଧୁରୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଏବଂ ବିଭିନ୍ନ କର୍ପୋରେଟ୍ ଏଏମଆର ଏବଂ ସିଓଏମ ପ୍ରକଳ୍ପର ସ୍ଥିତି ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ । ଏଥିରେ ବିଭିନ୍ନ ବିଭାଗ ଏବଂ ପଦର କର୍ମଚାରୀମାନେ ଉତ୍ପାଦନ, ଉତ୍ପାଦକତା, ରକ୍ଷଣାବେକ୍ଷଣ, ସୁରକ୍ଷା, ଜ୍ଞାନ ବୃଦ୍ଧି, ସ୍ୱାସ୍ଥ୍ୟ ଏବଂ ଟାଉନସିପ୍ ସୁବିଧା ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ଆଲୋଚନା କରିଥିଲେ । ଆଲୋଚନା ସମୟରେ ଦିଆଯାଇଥିବା ପରାମର୍ଶର ଗୁଣବତ୍ତା ଦେଖି ଖୁସି ହୋଇ ଡିଆଇସି ତିନି ଜଣ କର୍ମଚାରୀଙ୍କୁ 'ଶ୍ରେଷ୍ଠ ପ୍ରସ୍ତାବ ଦାତା' ପୁରସ୍କାର ପ୍ରଦାନ କରିଥିଲେ । ଏଥିରେ ସି ପି-୨ ବିଭାଗରୁ ସୂର୍ଯ୍ୟକାନ୍ତ ମହାପାତ୍ର, ଏସଏସଏମ ବିଭାଗରୁ ଏମ୍ ଦଳବେହେରା ଏବଂ କାଲଟା ଲୁହା ଖଣିରୁ ସିବିଏନ ରଥ ଥିଲେ । ଏହି ଅବସରରେ ଗତ ଆର୍ଥିକ ବର୍ଷରେ ବିଭିନ୍ନ ପ୍ରୟାସ, ଲକ୍ଷ୍ୟ, ସଫଳତା ଏବଂ ସୁରକ୍ଷା ପଦକ୍ଷେପ ସହିତ ଚଳିତ ଆର୍ଥିକ ବର୍ଷ ପାଇଁ ଲକ୍ଷ୍ୟ ଏବଂ ଆଭିମୁଖ୍ୟରେ ଆରଏସ୍‌ପିର ପ୍ରଦର୍ଶନ ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ଏହାପରେ ଫୋରମରେ ପୂର୍ବରୁ ଦିଆଯାଇଥିବା ପରାମର୍ଶର ସ୍ଥିତି ଉପରେ ଆଲୋକପାତ କରି ଆଉ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ଏଚଆର ଏଲଏଣ୍ଡଡି ବିଭାଗର ପ୍ରଶାସକ ସହଯୋଗୀ ସତ୍ୟବତୀ ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

### ଡକାୟତି ଯୋଜନା ପଣ୍ଡ

## ୪ ଗିରଫ; ବନ୍ଧୁକ, ଗୁଳି ଓ ମାରଣାସ୍ତ୍ର ଜବତ



**ରାଉରକେଲା, ୧୩।୪(ସମିସ):** ସୁନ୍ଦରଗଡ଼ ସଦର ଥାନା ଅଞ୍ଚଳରେ ହାଇୱେରେ ଡକାୟତି କରିବାକୁ ଯୋଜନା ଚାଲିଥିଲା ବେଳେ ପୁଲିସର ସମୟୋଚିତ ପଦକ୍ଷେପ ଯୋଗୁଁ ଏହି ଡକାୟତି ଯୋଜନା ପଣ୍ଡ ହୋଇଥିଲା । ପୁଲିସ ଘଟଣା ସ୍ଥଳରୁ ୪ ଜଣ ଡକାୟତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବନ୍ଧୁକ, ଜୀବନ୍ତ ଗୁଳି ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରାଯାଇଛି । ରବିବାର ବିଳମ୍ବିତ ରାତିରେ ସୁନ୍ଦରଗଡ଼ ସଦର ଥାନା ପୋଲିସ ଧରିଛି ଏହି ଗ୍ୟାଙ୍ଗ ସଦସ୍ୟଙ୍କୁ । ସଦରଥାନା ଅନ୍ତର୍ଗତ କୁମବାହାଲ ଛକ ନିକଟ ବିଜୁ ଏକ୍ସପ୍ରେସ ୱେ ରାସ୍ତା କଡ଼ରେ ଏକ ନିଛାଟିଆ ସ୍ଥାନରେ ୪ ଜଣ ଯୁବକ ଡକାୟତି ଯୋଜନା କରୁଥିବା ଖବରପାଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଦର ପୁଲିସ ପୁଲିସ ଚଢ଼ଉ କରି ଘଟଣା ସ୍ଥଳରୁ ୪ ଜଣ ଡକାୟତଙ୍କୁ ଗିରଫ କରିଥିଲା । ଗିରଫ ୪ ଜଣ ହେଲେ ଝପଙ୍ଗ ଗାଁର ଏକାନ୍ତ ନାଏକ, ଭେଜାବାହାଲ ଗାଁର ରୋହନ ପଟେଲ, କରମଡିହ ଗାଁର ଅଙ୍କିତ ବେହେରା ଏବଂ ରିଅନ ନାଏକ । ଚଢ଼ଉ ବେଳେ ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ୍, ୨ ଟି ଜୀବନ୍ତ ଗୁଳି, ଗୋଟିଏ ବୁଲେଟ୍ ମଟର ସାଇକେଲ, ଗୋଟିଏ ଇଭି ସ୍କୁଟର ସହିତ ୨ଟି ଛୁରୀ, ଗୋଟିଏ ଲୁହା ରଡ଼, ୧ଟି ଲାଠି, ୨ ପ୍ୟାକେଟ ଲଙ୍କା ଗୁଣ୍ଡ, ୬ଟି ମୁଖା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲେ । ସେମାନଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସେମାନେ ଡକାୟତି ଯୋଜନା କରୁଥିବା ସ୍ୱୀକାର କରିଥିବା ପୁଲିସ କହିଛି । ଆଜି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । କିଛି ଦିନ ପୂର୍ବରୁ ସଦର ଥାନା ନବରଙ୍ଗପୁର ଏବଂ କରମଡିହି ଅଞ୍ଚଳରେ ହୋଇଥିବା ଡକାୟତି ଘଟଣାରେ ଏମାନଙ୍କ ସମ୍ପୃକ୍ତି ଥିବା ପୁଲିସ ସନ୍ଦେହ କରୁଛି । ଏ ବାବଦରେ ଅଧିକ ତଦନ୍ତ ଜାରି ରହିଛି ।

### ସିପିଆଇଏମ୍ ପକ୍ଷରୁ ପ୍ରଚାରପତ୍ର ବଣ୍ଟନ

## ରନ୍ଧନ ଗ୍ୟାସ୍ ସଂକଟର ସମାଧାନ ଦାବି

**ରାଉରକେଲା, ୧୩।୪(ସମିସ):** ସିପିଆଇଏମ୍ ଓଡ଼ିଶା ରାଜ୍ୟ କମିଟି ଆହ୍ୱାନରେ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଜନସାଧାରଣଙ୍କ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ, ଯୁଦ୍ଧ ଯୋଗୁଁ ଦେଶରେ ରନ୍ଧନ ଗ୍ୟାସ ଓ ତୈଳ ସଂକଟର ସମାଧାନ କେନ୍ଦ୍ର ସରକାର କରିବା ଆଦି ଜନଗଣଙ୍କ ଜନଜୀବନର ଦାବି ନେଇ ଶକ୍ତିନଗର, ବାସନ୍ତୀ କଲୋନୀ, ସେକ୍ଟର ୧୬, ୧୭, ୧୮ ଅଞ୍ଚଳରେ ପ୍ରଚାର ଅଭିଯାନ, ସଭା ଓ ପ୍ରଚାର ପତ୍ର ବଣ୍ଟନ କରାଯାଇଛି । ସମ୍ପାଦକ ରାଜକିଶୋର ପ୍ରଧାନ, ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ଦିବାକର ମହାରଣା, ବସନ୍ତ ପାଢ଼ୀ ପ୍ରମୁଖ ଦୀର୍ଘ ଦିନ ଲାଗି ରହିଥିବା ଯୁଦ୍ଧ ଯୋଗୁଁ ଆମ ଦେଶରେ ରନ୍ଧନ ଗ୍ୟାସ ଓ ତୈଳ ସଙ୍କଟ ଅଣାୟତ୍ତ ହେଉଥିବା ବେଳେ ଛୋଟ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଉଥିବା ଲୋକଙ୍କ ଉପରେ ଚଡ଼କ ପଡ଼ିଛି । ସରକାରକୁ ଆସିଲା ପରେ ବିଜେପି ଓଡ଼ିଶାର ଲୋକମାନଙ୍କୁ ପ୍ରତାରିତ କରିଛି । ଏହି ଅପାରଗ ସରକାର ବିରୋଧରେ ଜନସାଧାରଣଙ୍କୁ ସଚେତନ କରିବା ସହ ଆଗାମୀ ଦିନରେ ଜନଆନ୍ଦୋଳନ ସଂଗଠିତ କରିବାକୁ ବକ୍ତାମାନେ ଆହ୍ୱାନ କରିଥିଲେ ।

## ଟ୍ରାକ୍ଟର ଧକ୍କାରେ ମହିଳା ଗୁରୁତର; ୨ ବାଇକ୍ ଚୁର୍‌ମାର୍

**ବଣାଇଁ, ୧୩।୪(ସମିସ):** ବଣାଇଁରେ ସୋମବାର ଟ୍ରାକ୍ଟର ଧକ୍କାରେ ଜଣେ ମହିଳା ଗୁରୁତର ହୋଇଥିବା ବେଳେ ୨ଟି ବାଇକ୍ ଚୁର୍‌ମାର୍ ହୋଇଯାଇଛି । ଓଡି ୧୪ଏଫ ୫୨୧୦ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ବଣାଇଁ ବଜାର ଛକ ନିକଟରେ ଥିବା ଏକ ସୁନା ଦୋକାନ ସମ୍ମୁଖକୁ ନିୟନ୍ତ୍ରଣ ହରାଇ ପଶିଯାଇଥିଲା । ଫଳରେ ସେଠାରେ ଥିବା ଦୁଇଟି ବାଇକ ଟ୍ରାକ୍ଟର ଚକା ତଳେ ପଡ଼ି ଭାଙ୍ଗି ଚୁର୍‌ମାର୍ ହୋଇଯାଇଥିଲା । ଏଥିସହ ସେହି ସ୍ଥାନରେ ସୋମବାର ସାପ୍ତାହିକ ହାଟ କରି ରାସ୍ତା ପାର ହେବାକୁ ଠିଆ ହୋଇଥିବା ଦଲକି ଗ୍ରାମର ଜଣେ ମହିଳା ସୁଶୀଳା ହେମ୍ବ୍ରମ(୪୫) ଟ୍ରାକ୍ଟର ଧକ୍କାରେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ଚାଳକଙ୍କୁ ଅଟକ ରଖି ପଚାରାଉଚରା କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ।

### ମାତିଛନ୍ତି ସିନ୍ଧି ଚୋର

## ୨ ଦିନରେ ଲକ୍ଷାଧିକ ଟଙ୍କାର ଚୋରି

**ରାଉରକେଲା, ୧୩।୪(ସମିସ):** ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ ରଘୁନାଥପାଲି ଥାନା ଅଞ୍ଚଳରେ ମାତିଛନ୍ତି ସିନ୍ଧି ଚୋର । ବିଳମ୍ବିତ ରାତିର ସୁଯୋଗ ନେଇ କରୁଛନ୍ତି ଲୁଟ୍ । ରଘୁନାଥପାଲି ଥାନା ଅଞ୍ଚଳରେ ୨ ଦିନରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରମାନେ ଚୋରି କରି ଦେଇଥିବା ଅଭିଯୋଗ ହୋଇଛି । ସୂଚନା ମୁତାବକ ଗତ ୧୦ ତାରିଖ ବିଳମ୍ବିତ ରାତିରେ ବାଲୁଘାଟଠାରେ ଥିବା ମୋବାଇଲ ଭିଲା ନାମକ ମୋବାଇଲ ମରାମତି ଓ ଆସେସୋରିଜ୍ ଦୋକାନର ଆଜବେଷ୍ଟ ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଥିଲେ । ସକାଳେ ଦୋକାନ ଖୋଲିବା ପରେ ମାଲିକ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ । ୯ଟି ମୋବାଇଲ ସମେତ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା । ଉକ୍ତ ଚୋରିର କିଛି ଘଣ୍ଟା ମଧ୍ୟରେ ୧୧ ତାରିଖ ବିଳମ୍ବିତ ରାତିରେ ପାନପୋଷ ଛକ ନିକଟ ମାର୍କେଟରେ ଥିବା ସନ୍ତୋଷ ସାହୁଙ୍କ ଭେରାଇଟି ଦୋକାନର ଆଜବେଷ୍ଟ ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରି ଫେରାର ହୋଇଯାଇଛନ୍ତି । ପ୍ରାୟ ୪୫ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ବେଳେ ଉକ୍ତ ଦୋକାନରୁ ପୂର୍ବରୁ ମଧ୍ୟ ସମାନ ଢ଼ଙ୍ଗରେ ଚୋରି ହୋଇଥିବା ଦୋକାନ ମାଲିକ ଅଭିଯୋଗ କରିଛନ୍ତି । ଉକ୍ତ ମାର୍କେଟର ଅନ୍ୟ କିଛି ଦୋକାନରେ ମଧ୍ୟ ଦୁର୍ବୃତ୍ତମାନେ ଚୋରି ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ଅପରପକ୍ଷେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ପୁଲିସ ପାଟ୍ରୋଲିଂ ଉପରେ ଏବେ ପ୍ରଶ୍ନ ଉଠିଛି ।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ଲହୁଣୀପଡ଼ା, ୧୩।୪(ସମିସ):** ଲହୁଣୀପଡ଼ା ଥାନା ଅନ୍ତର୍ଗତ ଜାଙ୍ଗଲା ଗ୍ରାମରେ ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ମୃତକ ଜଣକ ସୁନା ମୁଣ୍ଡା (୪୨)ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ମୁତାବକ, ଆଜି ମଧ୍ୟାହ୍ନ ୧ଟା ବେଳେ ସୁନା ମୁଣ୍ଡା କାମରୁ ଘରକୁ ଫେରି ଅସୁସ୍ଥତା ଅନୁଭବ କରିଥିଲେ । ସେ ସଂଜ୍ଞାହୀନ ହୋଇଯାଇଥିଲେ । ସ୍ତ୍ରୀ ପାଖପଡୋଶୀଙ୍କ ସହାୟତାରେ ବଣାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି ।

## ବିଶ୍ରାରେ ଅଭିଯୋଗ ଶୁଣାଣି

**ରାଉରକେଲା, ୧୩।୪(ସମିସ):** ଆଜି ବିଶ୍ରା ବ୍ଲକର ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ରାଉରକେଲା ଏସପି ନିତେଶ ୱାଧୱାନୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୨୬ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥିମଧ୍ୟରୁ ୧୦ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୧୪ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଏଥି ମଧ୍ୟରୁ ୩ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା । ଏଥି ସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ବ୍ରିଜ ନିର୍ମାଣ, ଆବାସ ସମସ୍ୟା, ରାସନ୍ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା । ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ଉପଜିଲ୍ଲାପାଳ ପାନପୋଷ ବିଜୟ କୁମାର ନାୟକ, ପିଏ ଆଇଟିଡିଏ ବିକ୍ରାନ୍ତି କିସପଟ୍ଟାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ

**ରାଉରକେଲା, ୧୩।୪(ସମିସ):** ଓଡ଼ିଆ ପକ୍ଷ ପାଳନର ୧୩ତମ ଦିବସରେ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଆମ ପାରମ୍ପରିକ ଖାଦ୍ୟ କେବଳ ଯେ ସ୍ୱାଦ ଦୃଷ୍ଟିରୁ ଉନ୍ନତ ତାହା ନୁହେଁ ବରଂ ସ୍ୱାସ୍ଥ୍ୟ ଓ ଶରୀର ମଧ୍ୟ ଲାଭ ଦାୟକ ବୋଲି କହିଥିଲେ । ଆମ ହାଣ୍ଡିଶାଳରୁ ହଜି ଯାଉଥିବା ପାରମ୍ପରିକ ପିଠା, ପଣାକୁ ଆଜିର ପିଢ଼ି ମଧ୍ୟରେ ପୁନଃ ଆଦୃତ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ଅତିଥି ଓ ଅଂଶଗ୍ରହଣକାରୀମାନେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହୋଇଥିବା ବିଭିନ୍ନ ପ୍ରକାରର ଓଡ଼ିଆ ଖାଦ୍ୟ ବ୍ୟଞ୍ଜନ, ପିଠାପଣା ଆଦିର ମଜା ନେଇଥିଲେ । ବିଭିନ୍ନ ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତ ନେଇ ପ୍ରତିଯୋଗିତାମାନ ମଧ୍ୟ ଅନୁଷ୍ଠିତ ହୋଇଥିଲା ।



## ରାଉରକେଲା ଶ୍ରମିକ ସଂଘର ମହିଳା ସମାବେଶ




**ରାଉରକେଲା, ୧୩।୪(ସମିସ):** ରାଉରକେଲା ଶ୍ରମିକ ସଂଘ କାର୍ଯ୍ୟାଳୟ ପରିସରରେ ରାଉରକେଲା ଇସ୍ପାତ କାରଖାନାର ମହିଳା କର୍ମଚାରୀଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସଂଘର ସମ୍ପାଦିକା ପଦ୍ମାଳୟା ଧରଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ସଂଘ କର୍ମକର୍ତ୍ତାଙ୍କ ସହଯୋଗରେ ଶତାଧିକ ମହିଳା କର୍ମଚାରୀ ସମାବେଶରେ ଉପସ୍ଥିତ ଥିଲେ । ଏହି ଅବସରରେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଉପସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର, ଉପସାଧାରଣ ସମ୍ପାଦକ ଚକ୍ରଧର ପ୍ରଧାନ, ବରିଷ୍ଠ ଉପସଭାପତି ଆର୍‌କେ ପଣ୍ଡା, ଅକ୍ଷୟ ଜେନା, ନିହାର ରଞ୍ଜନ ଦାସ, ସୁରେଶ ପାଣିଗ୍ରାହୀ, ଚମାରୀ ଓରାମ, ସେବତୀ ବିଲୁଙ୍ଗ, ନିଳୀମା ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ସାଧାରଣ ସମ୍ପାଦକ ଶ୍ରୀ ବେହେରା ରାଉରକେଲା ଇସ୍ପାତ କାରଖାନାର ମହିଳା କର୍ମଚାରୀଙ୍କ ପାଇଁ ଶ୍ରମିକ ସଂଘର ଅବଦାନ ଅତୁଳନୀୟ ବୋଲି କହିଥିଲେ । ପ୍ରଥମେ ଅନୁକମ୍ପାମୂଳକ ନିଯୁକ୍ତି କ୍ଷେତ୍ରରେ ମହିଳାମାନଙ୍କୁ ସୁଯୋଗ ଦିଆଯାଉନଥିଲା । କିନ୍ତୁ ରାଉରକେଲା ଶ୍ରମିକ ସଂଘର ନିରବଚ୍ଛିନ୍ନ ଲଢ଼େଇ ଫଳରେ ମହିଳାମାନଙ୍କୁ ସୁଯୋଗ ମିଳିଲା ଯାହାକି ଆଜି ଦୁଇଶହରୁ ଊର୍ଦ୍ଧ୍ୱ ମହିଳା ଏହି ଅନୁକମ୍ପାମୂଳକ ନିଯୁକ୍ତି ପାଇ ବର୍ତ୍ତମାନ କାର୍ଯ୍ୟରତ ବୋଲି କହିଥିଲେ । ଏଥିସହିତ ମହିଳାମାନଙ୍କ ପାଇଁ ଅନେକ ପଦକ୍ଷେପ ରାଉରକେଲା ଶ୍ରମିକ ସଂଘ ହାତକୁ ନେଇ ସଫଳ ହୋଇଛି । ସଂଘ ସବୁବେଳେ ମହିଳାମାନଙ୍କୁ ଅଗ୍ରାଧିକାର ଦେଇଥାଏ । କେନ୍ଦ୍ର ସରକାରଙ୍କ ନୂତନ ଲେବର କୋଡ଼ ଅନୁଯାୟୀ ମହିଳାମାନଙ୍କୁ କାରଖାନା ମଧ୍ୟରେ ରାତ୍ରି ଡ୍ୟୁଟି କରିବେ ବୋଲି ନିୟମ ଥିଲେ ବି ରାଉରକେଲା ଶ୍ରମିକ ସଂଘ ଏହା କରିବାକୁ ଦେବନି ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ସମ୍ପାଦିକା ଶ୍ରୀମତୀ ଧର ମହିଳା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ତାହାର ସମାଧାନ ପାଇଁ ସାଧାରଣ ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସାଧାରଣ ସମ୍ପାଦକ ଏହାକୁ ଗ୍ରହଣ କରିଥିଲେ । ଏହି ଅବସରରେ ଟିଏମ୍ ମଧୁସୂଦନ, କେସି ଆଚାର୍ଯ୍ୟ, ଭାଗ୍ୟଧର ପରିଡ଼ା, ରମାକାନ୍ତ ପରିଡ଼ା, ପ୍ରଫୁଲ୍ଲ ଦାସ, ତୁଷାର ସାହୁ, ସମର ମଣ୍ଡଳ, ଅନୀଲ ମଲ୍ଲିକ, ଅଖିଳ ପୃଷ୍ଟି, ଭରତ ଦାସ, ବ୍ରଜ ନାୟକ, ଦୁର୍ଗା ଜେନା, ନିଗମାନନ୍ଦ ପରିଡ଼ା, କେଶବ ପ୍ରଧାନ ସରୋଜ ଦାସ, ମନମୋହନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଆର୍‌ଏସ୍‌ପି ପକ୍ଷରୁ 'ମେଲ୍-ମିଳାପ୍' ଇଣ୍ଟରଫେସ୍ କାର୍ଯ୍ୟକ୍ରମ




**ରାଉରକେଲା, ୧୩।୪(ସମିସ)**

ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଏସଆର ବିଭାଗ ଦ୍ୱାରା ବିସ୍ରା ବ୍ଲକ ଭାଲୁଲତା ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଇଣ୍ଟରଫେସ୍ କାର୍ଯ୍ୟକ୍ରମ 'ମେଲ୍ ମିଳାପ୍' ଆୟୋଜନ କରାଯାଇଥିଲା । ଏଥିରେ ସିଏସଆର ବିଭାଗର ଜିଏମ୍ ଇନଚାର୍ଜ ମୁନମୁନ୍ ମିତ୍ରା, ଭାଲୁଲତା ଗ୍ରାମ ପଞ୍ଚାୟତ ସରପଞ୍ଚ ବିଚା ମିଞ୍ଜ୍ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ସିଏସଆର ବିଭାଗର ଜିଏମ୍ ବିଭାବସୁ ମଲ୍ଲିକ, ଡିଜିଏମ୍ ପି. ସାହୁ, ବ୍ଲକସ୍ତରୀୟ ଫେଡେରେସନ୍ ବିସ୍ରା ବ୍ଲକ ସଭାପତି ବରଦାନୀ ଟପ୍ପୋ, କମିଟି ସଭ୍ୟା ସୁନିତା ମିଞ୍ଜଙ୍କ ସମେତ ସିଏସଆର ବିଭାଗର ଅନ୍ୟ କର୍ମଚାରୀ ଏବଂ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି), ସମ୍ପ୍ରଦାୟ ସମ୍ବଳ ବ୍ୟକ୍ତି, ବ୍ଲକସ୍ତରୀୟ ଫେଡେରେସନ୍ ଏବଂ ବିସ୍ରା ବ୍ଲକ ଅଧୀନରେ ଆସୁଥିବା ଗ୍ରାମ ପଞ୍ଚାୟତର ପିଆରଆଇ ସଦସ୍ୟମାନେ ଏକତ୍ରିତ ହୋଇଥିଲେ । ଏହି ଅବସରରେ ମୁନମୁନ ମିତ୍ରା, ସମ୍ପ୍ରଦାୟ ଗୋଷ୍ଠୀ ସହଭାଗୀତାରେ ସିଏସଆର ପଦକ୍ଷେପ କାର୍ଯ୍ୟକାରୀ କରିବା ସହିତ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ବିକାଶ ସୁନିଶ୍ଚିତ କରିବା ପାଇଁ ସରକାରୀ ପ୍ରକଳ୍ପଗୁଡ଼ିକୁ ଉପଯୋଗ କରିବା ଉପରେ ଆରଏସପିର ଲକ୍ଷ୍ୟକୁ ଦୋହରାଇ ଥିଲେ । ଏଥିରେ ସରପଞ୍ଚ ଆରଏସପିର ସିଏସଆର ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିବା ସହିତ ଉକ୍ତ ଅଞ୍ଚଳରେ ପ୍ରଚଳିତ ବିକାଶମୂଳକ କାର୍ଯ୍ୟକଳାପ ବିଷୟରେ ମୂଲ୍ୟାଙ୍କନ କରିଥିଲେ । ଏହି ପରିପ୍ରେକ୍ଷୀରେ ବରଦାନୀ ଟପ୍ପୋ, ବିଭିନ୍ନ ସମ୍ପ୍ରଦାୟ କେନ୍ଦ୍ରିକ ଜୀବିକା ପ୍ରକଳ୍ପ ଏବଂ ସରକାରଙ୍କ ଗ୍ରାମୀଣ ବିକାଶ ପଦକ୍ଷେପ ସହିତ ସମନ୍ୱୟର ଲାଭ ବିଷୟରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ । ଏଥିରେ ଅଂଶଗ୍ରହଣକାରୀମାନେ ପୂର୍ବରୁ କରାଯାଇଥିବା ବିକାଶମୂଳକ କାର୍ଯ୍ୟ ଉପରେ ସେମାନଙ୍କର ମତାମତ ବାଣ୍ଟିବା ସହିତ ଆଗାମୀ ସିଏସଆର ପ୍ରକଳ୍ପ ପାଇଁ ପ୍ରାଥମିକତା କ୍ଷେତ୍ରଗୁଡ଼ିକ ଉପରେ ମଧ୍ୟ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଶ୍ରୀ ମଲ୍ଲିକ ସମାବେଶକୁ ସ୍ୱାଗତ କରିବା ସହିତ ସିଏସଆର କାର୍ଯ୍ୟକଳାପର ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ । ପରିଶେଷରେ ପି. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସିଏସଆର ବିଭାଗର ସେକ୍ସନ ଅଫିସର ବି. ଏକ୍କା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

ବୌଦ୍ଧ ରାମଲୀଳା

# ଶ୍ରୀରାମଙ୍କ ରାଜ୍ୟାଭିଷେକ

ବୌଦ୍ଧ,୧୩।୪(ସମିସ)



ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଶ୍ରୀରଘୁନାଥ ମନ୍ଦିର ପରିସରରେ ଦୀର୍ଘ ୧୮ ଦିନ ଧରି ଚାଲିଥିବା ଶ୍ରୀରାମଲୀଳା ଯାତ୍ରା ରବିବାର ରାବଣ ବଧ ସହ ଉଦ୍‌ଯାପିତ ହୋଇଯାଇଛି। ସୋମବାର ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ରାମେଶ୍ୱର ମନ୍ଦିର ଠାରୁ ଏକ ସୁସଜ୍ଜିତ ରଥରେ ପ୍ରଭୁ ଶ୍ରୀରାମ , ଲକ୍ଷ୍ମଣ, ମାତା ସୀତା ଓ ହନୁମାନଙ୍କୁ ସହରର ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଦୁଲଦୁଲି ସହିତ ବିନିକାର ଘବାଦ୍ୟ, ବୌଦ୍ଧର ଝାଞ୍ଜ, ପୁରୀର ପରଭା ନୃତ୍ୟ ଆଦି ବିଭିନ୍ନ ସାଂସ୍କୃତିକ ଦଳ ସାମିଲ ଥିଲେ। ଶୋଭାଯାତ୍ରା ରାମେଶ୍ୱର ମନ୍ଦିର ଠାରୁ ବାହାରି ପୁରୁଣାବ୍ଲକ ଛକ, ଡେଲିମାର୍କେଟ,ଭୈରବୀ ଛକ, ପୋଡାପୋଡା, ୱାରଲେସ ଛକ, ବାଘଗୁଡ଼ା ଛକ, ବସଷ୍ଟା ଦେଇ ରଘୁନାଥ ମନ୍ଦିର ଠାରେ ପହଞ୍ଚି ଥିଲା। ରାମ ଭୂମିକାରେ ମାନସ ମିଶ୍ର, ସୀତା ଜିତେନ୍ଦ୍ର ମହାନ୍ତି, ଲକ୍ଷ୍ମଣ ଅରମାନ ଦାସ, ହନୁମାନ ମୋହନ ସାହୁ ଅଭିନୟ କରିଥିଲେ। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।



## ମାରୁତି ମଣ୍ଡପରେ ରାବଣ ବଦ୍ଧ

ବୌଦ୍ଧ: ବୌଦ୍ଧ ରାମଲୀଳାର ମାରୁତି ମଣ୍ଡପଠାରେ ରାବଣ ବଦ୍ଧ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ସହରର ଆଖ ପାଖ ଗ୍ରାମାଞ୍ଚଳରୁ ଆସିଥିବା ୧୦ଟି ରାବଣର ରଥ ସହିତ ସହର ପରିକ୍ରମା କରିସାରିବା ପରେ ରାମରଥ ସହିତ ଜିଲ୍ଲା ଷ୍ଟାଡିୟମ ଠାରେ ରାମ ରାବଣର ପ୍ରଥମ ଯୁଦ୍ଧ ହୋଇଥିଲା। ସେଠାରେ ଆତାଶବାଜୀ କାର୍ଯ୍ୟକ୍ରମ ଯାହାକି ଦୀର୍ଘ ସମୟ ପର୍ଯ୍ୟନ୍ତ ହୋଇଥିଲା। ସେହି କାର୍ଯ୍ୟକ୍ରମକୁ ଦେଖିବାପାଇଁ ଷ୍ଟାଡିଅମ ପରିସର ଲୋକାରଣ୍ୟ ପାଲଟି ଥିଲା। ବିଭିନ୍ନ ଅନୁଷ୍ଠାନ ତରଫରୁ ସହରର ବିଭିନ୍ନ ଛକରେ ଖାଦ୍ୟ ଏବଂ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ରାମ ରଥ ଏବଂ ରାବଣ ରଥ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହଜାର ହଜାର ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏହି ରାବଣ ବଧରେ ରାମ ଭୂମିକାରେ ଶିରିଶ ବେହେରା, ଲକ୍ଷ୍ମଣ ଭୂମିକାରେ ଜନାର୍ଦ୍ଦନ ମିଶ୍ର, ରାବଣ ଭୂମିକାରେ ସନ୍ତୋଷ ବାଘ, ହନୁମାନ ଭୂମିକାରେ ଶାନ୍ତନୁ ବେହେରା, ସୁଗ୍ରୀବ-ଦିବାକର ଜେନା, ବୀଭିଷଣ-ନାରାୟଣ ବାରିକ, ଅଙ୍ଗଦ-ସତ୍ୟଜିତ ମିଶ୍ର, ସୀତା - ବିଶ୍ୱାମିତ୍ର ସାହୁ, ତ୍ରିଜଟା - ସିପୁନ ସାହୁ, ଚଣ୍ଡୀ - ମୁକେଶ ପ୍ରଧାନ, ମନ୍ଦୋଦରୀ -ଜଗଦୀଶ ବାରିକ କଳାକାର ନିଖୁଣ ଅଭିନୟ କରିଥିଲେ।



## ନାଟକ 'ମହିରାବଣ ବଧ' ମଞ୍ଚସ୍ଥ

ବୀରମହାରାଜପୁର,୧୩।୪(ସମିସ): ସୋନପୁର ଗଡ଼ଜାତର ଅନ୍ୟତମ ପୂରାତନ ଅନୁଷ୍ଠାନ ଉଲୁଣ୍ଡା ବ୍ଲକର କୋଟସମଲାଇ ବାହାରିପଡା। ରଘୁନାଥ ମନ୍ଦିର ନିକଟରେ ଶ୍ରୀରଘୁନାଥ ନାଟ୍ୟ କଳାପରିଷଦ ତରଫରୁ ଚଳିତ ବର୍ଷ ୭୫ବର୍ଷ ପ୍ଲାଟିନମ ଜୁବଲି ଶ୍ରୀରାମଲୀଳା ଉତ୍ସବ ୧୮ ଦିନ ଧରି ମହାସମାରୋହରେ ପାଳନ ହେଉଛି। ବିଭିନ୍ନ ରଜନୀରେ ରାମାୟଣର କଥାବସ୍ତୁ ଉପରେ ଆଧାରିତ ନାଟକ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅ ସୋମବାର ରଜନୀରେ "ମହିରାବଣ ବଧ' ମଞ୍ଚସ୍ଥ ହୋଇଥିଲା। ଏଥିରେ ପାତାଳ ପୁରରେ ମହିରାବଣର ରାଜୁତି, କାଳୀପୂଜା , ମହିରାବଣର ବିଭିନ୍ନ ରୂପ, ପାତାଳ ଲୋକକୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ନେଇ ଗମନ, ହନୁମାନଙ୍କ ପାତାଳ ଗମନ, ହନୁମାନଙ୍କ ଦ୍ୱାରା ମହିରାବଣର ବଧ ଆଦି ବିଭିନ୍ନ ଦୃଶ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀରାମ ଭୂମିକାରେ ଭିକାରୀ ସେଠୀ, ଲକ୍ଷ୍ମଣ ନରେନ୍ଦ୍ର ବାଘ, ହନୁମାନ ଲକ୍ଷିନ୍ଦ୍ର ବସ୍ତିଆ, ବୀଭିଷଣ -ବୀଭିଷଣ ସେଠୀ, ମହିରାବଣ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ରାବଣ ଦିଗାମ୍ବର ଚୈଧୁରୀ ପ୍ରମୁଖଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଅନ୍ୟ ଭୂମିକାରେ ସୁରେଶ ଦେହେରୀ, ଶରଦ କର୍ଣ୍ଣ, ହୃଷିକେଶ ପଧାନ, ଅଖୁଜ ଖୁର୍ଡିଆ, ପରେଶ ବାଘ, ଫକୀର ପୁରୋହିତ,ଜନ୍ମ ବାରକୁଟିଆ,ବୃଷଭ କର୍ଣ୍ଣ, ସୁବାଷ ବନଛୋର, ସୈମିତ୍ରୀ ଦେହେରୀ, ଅନାଦି ବସ୍ତିଆ, ପ୍ରଦ୍ୟୁମ୍ନ ପାଢ଼ୀ, ଦଶରଥ ମେଣ୍ଡିଲି, ବୁଦ୍ଧଦେବ ମେଣ୍ଡିଲି, କିଶୋର ପଧାନ ଓ ଆଶିଷ କର୍ମୀଙ୍କ ଅଭିନୟ ଲୋକଙ୍କ ମନମୋହିଥିଲା।



## ଘଣ୍ଟାପଡା ଥାନା ଅଞ୍ଚଳରୁ ଦୁଇ ଶିଶୁ ଉଦ୍ଧାର

ବୌଦ୍ଧ,୧୩।୪(ସମିସ): ଘଣ୍ଟାପଡା ଥାନା ଅଞ୍ଚଳରୁ ଦୁଇ ଅସହାୟ ଶିଶୁ କନ୍ୟାଙ୍କୁ ଉଦ୍ଧାର କରିଛି ଚାଇଲ୍ଡ ହେଲ୍ପ ଲାଇନ। ପିତୃ ମାତୃ ହୀନ ଉଭୟ ଶିଶୁ ନିଜ ବୃଦ୍ଧା ଜେଜେମା ପାଖରେ ଆଶ୍ରୟ ନେଇଥିଲେ। ଖବର ପାଇ ଆଜି ଚାଇଲ୍ଡ ହେଲ୍ପ ଲାଇନର ଜିଲ୍ଲା ସଂଯୋଜକ ବିନୋଦ ସାହୁ, କାଉନସେଲର ଘନଶ୍ୟାମ ସାହୁ, ସୁପର ଭାଇଜର୍ ସ୍ମୃତିରେଖା ପଟ୍ଟନାୟକ ଓ ଶୁଭ୍ରକାନ୍ତ ମେହେର ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ।



## ୧ କୁଇଣ୍ଟାଲ ଗଞ୍ଜେଇ ଜବତ; ୨ ଗିରଫ

ତରଭା,୧୩।୪(ସମିସ): ତରଭା ପୁଲିସ ବ୍ରାହ୍ମଣୀ ତାଲପଦର ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ତାଲପଦର ଚାଷଜମିରେ ଥିବା ଏକ ବୁଦା ମୂଳରୁ ତିନୋଟି ଜରିବସ୍ତାରେ ଗଞ୍ଜେଇ ଥିବା ଜାଣିବାକୁ ପାଇ ସେଠାରେ ପୁଲିସ ଚଢ଼ଉ କରି ବ୍ରାହ୍ମଣୀ ଗ୍ରାମର ସତ୍ୟବ୍ରତ ସାହୁ(୨୬)ଓ, ବାବୁ ନାଏକ (୩୮)କୁ ଧରିଥିଲା। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ତରଭା ଅତିରିକ୍ତ ତହସିଲଦାର ଦିପ୍ତିମୟୀ ଭୋଇଙ୍କ ଉପସ୍ଥିତିରେ ଓଜନ କରିବାରୁ ତାହା ୧ କୁଇଣ୍ଟାଲ ୩୯ କେଜି ହୋଇଥିବା ତରଭା ପୁଲିସ ସୂତ୍ରରୁ ଜଣାପଡ଼ିଛି। ତରଭା ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଥିବା କହିଛନ୍ତି ତରଭା ଥାନା ଆଇଆଇସି ଅନିତା କିଡୋ। ଚଢ଼ଉରେ ତରଭା ଥାନା ଆଇଆଇସି ଶ୍ରୀମତୀ କିଡୋ ଏସଆଇ ପ୍ରସନ୍ନଜିତ ବେହେରା, କମସରା ଫାଣ୍ଡି ଅଧିକାରୀ ବିଭୁନ୍ଦେନ୍ଦ୍ର ବରାଳ, ହାବିଲଦାର ଶତ୍ରୁଘନ ମେହେର, କନଷ୍ଟେବଲ ଶିବପ୍ରସାଦ ରଣା, ସୋମନାଥ ଶତପଥୀ, ରହିମ ରଣା ସାମିଲ ଥିଲେ।

ହରଭଙ୍ଗା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ରାସ୍ତା ନିର୍ମାଣରେ ଅନିୟମିତତା ଓ ପାଣି ସମସ୍ୟା ନେଇ ଅଭିଯୋଗ

ହରଭଙ୍ଗା,୧୩।୪(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଦିନ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ ଓ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲଙ୍କ ଯୁଗ୍ମ ଜନ ଅଭିଯୋଗ ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର କୁସଙ୍ଗ ପଞ୍ଚାୟତ ଅତଲସରା ଗ୍ରାମରେ ରାସ୍ତା କାର୍ଯ୍ୟରେ ଅନିୟମିତତା, ଟଙ୍କା ହଡ଼ପ ସହିତ ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି।



ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗ୍ରାମରେ ପୂର୍ବରୁ ଥିବା ରାସ୍ତା ୨୦୨୨/୨୩ଆର୍ଥିକ ବର୍ଷରେ ପୂର୍ଣ୍ଣ ରାସ୍ତାଠାରୁ ମହାନଦୀ ଘାଟ ପର୍ଯ୍ୟନ୍ତ ଗ୍ରେଡୱାନ ମେଟାଲିଂ ରାସ୍ତା ପାଇଁ ୬ଲକ୍ଷ ୬ ହଜାର ୭୫୨ ଟଙ୍କା ଅନୁମୋଦନ ହୋଇଥିଲା। ଉକ୍ତ ରାସ୍ତା କାର୍ଯ୍ୟ ୨୦୨୪-୨୫ରେ ମନରେଗା ଯୋଜନା ରେ ଆରମ୍ଭ ହୋଇଥିବା ବେଳେ ମେଟାଲିଂ ରାସ୍ତା ଥିବା ସତ୍ତ୍ୱେ ଗୋଟିଏ ବି ମେଟାଲ ରାସ୍ତା କାର୍ଯ୍ୟରେ ନ ପକାଇ କେବଳ କିଛି ଟ୍ରିପ ମୋରୁମ ବିଛାଇ କାମ ସମାପ୍ତ ଦେଖାଯାଇଛି। ଗ୍ରାମବାସୀ ଏହାକୁ ସ୍ପଷ୍ଟ ଦୁର୍ନୀତି ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପଟେ ଉକ୍ତ ପାନୀୟ ଜଳ ସମସ୍ୟାର ସମାଧାନ ନଚେତ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ପାଇଁ ଗ୍ରାମର ଗ୍ରାମ୍ୟ ସଭାପତି ରବି ଦେହୁରୀ, ସମ୍ପାଦକ ଭକ୍ତ ଚରଣ ବେହେରା, ଗ୍ରାମ୍ୟ ଗୌନ୍ତିଆ ଅକ୍ଷୟ ଦେହୁରୀ, ଗ୍ରାମ୍ୟ ସାଥି ସଦାନନ୍ଦ ଦେହୁରୀ, ୱାର୍ଡ ସଭ୍ୟ ବାସୁଦେବ ନାଏକ, ଗ୍ରାମ୍ୟ କମିଟି ସଦସ୍ୟ ବାବୁଲି ବେହେରା, ଅନାଦି ବେହେରା, ରାଜେଶ ଦେହୁରୀ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ କୁ ଭିତ୍ତି କରି ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳ ବ୍ଲକ ଜଳ ଓ ପରିମଳ ଯନ୍ତ୍ରୀ ଜୀବନ କୁମାର ପଟ୍ଟନାୟକଙ୍କୁ ଦାୟିତ୍ୱ ଦେଇଥିବାବେଳେ ରାସ୍ତାକାର୍ଯ୍ୟରେ ତଦନ୍ତ କରି ଅନିୟମିତତା ଦେଖାଦେଲେ ଦୋଷୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟରେ କୌଣସି ସାମଗ୍ରୀ ନ ପଡି ସାମଗ୍ରୀ ବାବଦରେ ୭୯ ହଜାର ୪୮୭ ଟଙ୍କା ୮୮ପଇସା ଓ ଶ୍ରମିକ ବାବଦ କୁ ୩ ଲକ୍ଷ ୧୨ ହଜାର ୮୫୮ ଟଙ୍କା ସମୁଦାୟ ୩ ଲକ୍ଷ ୯୨ ହଜାର ୩୪୫ ଟଙ୍କା ୮୮ପଇସା ଉଠାଣ ହୋଇଥିବା ଅନଲାଇନରୁ ସୂଚନା ମିଳିଛି।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ସୁବର୍ଣ୍ଣପୁର,୧୩।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଡ. ନୃପରାଜ ସାହୁ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପ୍ରତାପ କୁମାର ରଣା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୧୩୩ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ।



ତନ୍ମଧ୍ୟରୁ ୧୦୬ଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୨୭ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। କେବଳ ଗୋଟିଏ ମାତ୍ର ଆର୍ଥିକ ସହାୟତା ନିମନ୍ତେ ଦରଖାସ୍ତ ହସ୍ତଗତ ହୋଇଥିଲା ଏବଂ ୧ ଦରଖାସ୍ତ ଅଭିଯୋଗ ଶୁଣାଣି ଶିବିରରେ ଫାଇସଲା କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ କୁମାର ସାହୁଙ୍କ ତତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ନିର୍ବାହୀ ଅଧିକାରୀ କାଳିଆ ମଲ୍ଲିକ, ଅଜିତ କୁମାର ତ୍ରିପାଠୀ, ଡେପୁଟି କଲେକ୍ଟରଙ୍କ ସମେତ ତହସିଲଦାର ବିମଳ କିଶୋର ପତ୍ର, ଉପାଧକ୍ଷ, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି, ମକରଧ୍ୱଜ ସାହୁ ମିତା ତ୍ରିପାଠୀ ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହାପରେ ତମାମାରା ପଞ୍ଚାୟତ ଦ୍ୱାରା ନୂତନ ଭାବେ ନିର୍ମିତ ମହିଳା ମାନଙ୍କ ବିଶ୍ରାମ ଗୃହ ଓ ସ୍ତନ୍ୟପାନ ଗୃହର ଉଦ୍‌ଘାଟନ ଜିଲ୍ଲାପାଳଙ୍କ ଦ୍ୱାରା ହୋଇଥିଲା। ଡୁଙ୍ଗୁରିପାଲି ପଞ୍ଚାୟତ ସମିତିର ୨୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମିଶନ ଶକ୍ତି ମାଧ୍ୟମରେଏକ ଲକ୍ଷ ଟଙ୍କା ଲେଖାଏଁ ସି.ଆଇ. ଏଫ୍ ଅନୁଦାନ ରାଶି ପ୍ରଦାନ କରାଯାଇଥିଲା।

## ଚନ୍ଦ୍ରପୁର ଗ୍ରାମରେ କାଳୀଙ୍କ ଡାଲ ପୂଜା

ବୌଦ୍ଧ,୧୩।୪(ସମିସ): ବୌଦ୍ଧ ଜିଲ୍ଲାର ପ୍ରସିଦ୍ଧ ଚାରି ଶମ୍ଭୁ ପୁରୁଣା ଦଣ୍ଡଯାତ୍ରା ଦଳର ଦେବୀ କାଳୀଙ୍କ ସ୍ୱତନ୍ତ୍ର ଡାଲ ପୂଜା ଚନ୍ଦ୍ରପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀନ ପରମ୍ପରା ଅନୁଯାୟୀ ପ୍ରତିବର୍ଷ ମହା ବିଷୁବ ସଂକ୍ରାନ୍ତି ବା ମେରୁ ଯାତ୍ରାର ପୂର୍ବରୁ ଚାରି ଶମ୍ଭୁ ପୁରୁଣା ଦଣ୍ଡଯାତ୍ରା ଦଳ ପକ୍ଷରୁ ଚନ୍ଦ୍ରପୁର ଗ୍ରାମରେ ଦେବୀ କାଳୀଙ୍କ ଡାଲ ପୂଜା କରାଯିବାର ପ୍ରାଚୀନ ପରମ୍ପରା ରହିଛି। ଉକ୍ତ ପରମ୍ପରା ଅନୁଯାୟୀ ଆଜି ଦଣ୍ଡଯାତ୍ରା ଦଳ ଚନ୍ଦ୍ରପୁର ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ଶିବ ଓ ଦେବୀଙ୍କ ବନ୍ଦାଣ କରି ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମ ପରିକ୍ରମା ଓ ବନ୍ଦାଣ ପର୍ବ ପରେ ଦେବୀ କାଳୀଙ୍କ ଚଳନ୍ତି ପ୍ରତିମା ପରଭକ୍ଷକୁ ନେଇ ଦିନସାରା ଗୁପ୍ତ ଭାବରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇ ଥିଲା। ସନ୍ଧ୍ୟାରେ ଘାଟ ପୂଜା ବା ପାଣିଦଣ୍ଡ ଅନୁଷ୍ଠିତ ହୋଇଥିଲା। ଚାରିଶମ୍ଭୁ ମନ୍ଦିରର ସେବାୟତ ତଥା ଦଣ୍ଡ ନୃତ୍ୟଦଳର ପରିଚାଳକ ଚତୁର୍ଭୁଜ ଖମାରୀଙ୍କ ତତ୍ତ୍ୱାବଧାନରେ ପୂଜକ ସୁବାସ ଖମାରୀ, ଫଗୁ ଗୁରୁ ଓ ଅବିନାଶ ଖମାରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

ଶଗଡ଼ା,୧୩।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶିମିଳି ପଦର ପଞ୍ଚାୟତ ଅଧୀନ ପର୍ଥଲା ଗ୍ରାମରେ ହନୁମାନ ମନ୍ଦିରଠାରେ ଅଷ୍ଟପ୍ରହରୀ ଅଖଣ୍ଡ ନାମଯଜ୍ଞ ପାଇଁ ଆଜି କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଏକ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ତେଲ ନଦୀରୁ କଳସରେ ପାଣି ଆଣି ଯଜ୍ଞସ୍ଥଳକୁ ଆଣିଥିଲେ। ଉକ୍ତ ପୂଜା କାର୍ଯ୍ୟରେ କର୍ତ୍ତା ଭାବରେ ସିପୁନ ପାଢ଼ୀ ଓ ତାଙ୍କ ଧର୍ମପତ୍ନୀ ସୁପ୍ରଭା ମିଶ୍ର ଦାୟିତ୍ୱ ତୁଲାଇଥିଲେ। ଅଷ୍ଟପ୍ରହରୀ ନାମ ଯଜ୍ଞ ପୂଜକ ଭାବରେ ଜିତେନ୍ଦ୍ର ପାଣିଗ୍ରାହୀ ପୂଜାକାର୍ଯ୍ୟ ନିର୍ବାହ କରିଥିଲେ।

## ଓଡ଼ିଆ ପକ୍ଷ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ



ବୌଦ୍ଧ,୧୩।୪(ସମିସ): ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ପରିସରରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, ବୌଦ୍ଧ ଶାଖା ପକ୍ଷରୁ ଓଡିଆ ପକ୍ଷ ଅବସରରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଡେପୁଟି କଲେକ୍ଟର ଅଙ୍କିତା ସାହୁଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଯୁଗଳ କିଶୋର ସାମଲ, ଜିଲ୍ଲା ମିଶନ୍ ଶକ୍ତି ଉଚଉ ରଶ୍ମୀ ରଞ୍ଜନ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ।

ଓଡ଼ିଆ ପକ୍ଷରେ ପାରମ୍ପରିକ ଖାଦ୍ୟର ମହକ

## ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆକର୍ଷଣୀୟ ପ୍ରଦର୍ଶନୀ

ତରଭା,୧୩।୪(ସମିସ): ଓଡ଼ିଆ ପକ୍ଷ ପାଳନର ତ୍ରୟୋଦଶ ଦିବସରେ ସୁବର୍ଣ୍ଣପୁର ଜିଲ୍ଲାର ନୂଆ ଟାଉନ ହଲଠାରେ ସୋନପୁର ପଞ୍ଚାୟତ ସମିତି ଦ୍ୱାରା "ଆମ ରୁଚି ଆମ ଖାଦ୍ୟ' ଶୀର୍ଷକରେ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସୋନପୁର ବ୍ଲକର ୩୦ଟି ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଏହି ପ୍ରଦର୍ଶନୀରେ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ପରିବେଷଣ କରିଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ସୋନପୁର ଉପଜିଲ୍ଲାପାଳ ଡ଼. ସୌମ୍ୟରୁପା ରଥ, ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କର, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ବୈଜନ୍ତୀ କର୍ଣ୍ଣ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରୀତି ସୁନା ଯୋଗ ଦେଇଥିଲେ। ପ୍ରଦର୍ଶନୀରେ ବିଭିନ୍ନ ପିଠା, ମିଠା, ମାଣ୍ଡିଆ ଜାତୀୟ ଖାଦ୍ୟ, ରସବରା, ଚକୁଳି ଓ ଚଟଣି ଆଦିର ସୁଗନ୍ଧରେ ଟାଉନ ହଲ ମହକି ଉଠିଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଖାଦ୍ୟମାନଙ୍କୁ ସୁନ୍ଦର ଭାବରେ ପରିବେଷଣ କରି ଦର୍ଶକମାନଙ୍କର ମନ ଜିତିଥିଲେ। ସୋନପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌରଭ ଦାନୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବୈଜନ୍ତୀ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।



## ଡୁଙ୍ଗୁରିପାଲିରେ ପାଠ୍ୟପୁସ୍ତକ ଓ ପୋଷାକ ବିତରଣ



ଡୁଙ୍ଗୁରିପାଲି,୧୩।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଇଚ୍ଛାପୁର କ୍ଲଷ୍ଟର ଅଧୀନ ତିଲେଇମାଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୨୦୨୬-୨୭ଶିକ୍ଷା ବର୍ଷର ପାଠ୍ୟ ପୁସ୍ତକ ଓ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ମୋଟ ୩୫ ଜଣ ଛାତ୍ର ଛାତ୍ରୀ ଙ୍କୁ ପାଠ୍ୟ ପୁସ୍ତକ ଓ ପୋଷାକ ବିତରଣ କରାଯାଇଥିଲା। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଚଳିତଶିକ୍ଷା ବର୍ଷ ଆରମ୍ଭ ହେବାର ମାତ୍ର ଦ୍ୱିତୀୟ ସପ୍ତାହରେ ପୋଷାକ ବିତରଣ କରାଯାଇଥିବାରୁ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ତିଲେଇମାଲର ଏହି ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗତ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକର୍ତ୍ତନ୍ ସାହୁ, କର୍ଲାଯୁରୀ ସରପଞ୍ଚ ପ୍ରତିନିଧି କୃଷ୍ଣ ସେଠ୍, ଇଚ୍ଛାପୁର ସିଆର୍‌ସିସି ସୁଧାଂଶୁ ଶେଖର ସାହୁ, ଶୁଖା ସିଆର୍‌ସିସି. ସୁରେଶ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ପ୍ରକାଶ ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ। ସହକାରୀ ଶିକ୍ଷକ ରମେଶ ସାହୁ ଓ ସ୍ୱେଚ୍ଛାସେବୀ ଗୋକୁଳ ଘିବେଲା ପ୍ରମୁଖ ସହଯୋଗ କରିଥିଲେ।

ତରଭା ବ୍ଲକ୍‌ରେ ଓଡ଼ିଆ ପକ୍ଷ ଓ ସମ୍ବର୍ଦ୍ଧନା ଉତ୍ସବ

## ଓଡ଼ିଆ ଅସ୍ମିତା ଓ ସେବା ମନୋଭାବର ଅପୂର୍ବ ସମନ୍ୱୟ

ତରଭା,୧୩।୪(ସମିସ)



ଓଡ଼ିଆ ଗାରିମା, ଭାଷା ଓ ସଂସ୍କୃତିର ମହାକୁମ୍ଭ ଓଡ଼ିଆ ପକ୍ଷ-୨୦୨୬ ଏବଂ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧନା ସମାରୋହ ତରଭା ପଞ୍ଚାୟତ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାଗୃହଠାରେ ଆୟୋଜିତ କାର୍ଯ୍ୟକ୍ରମ ଦୁଇଟି ପୃଥକ ପର୍ଯ୍ୟାୟରେ ସମାପନ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସମାଜସେବା ପ୍ରତି ସମର୍ପିତ ୨୭ ଜଣ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତରଭା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ଶ୍ୱେତାଲିନା ମାହାଣା, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ ଏବଂ ଏଏବିଇଓ ସତ୍ୟ ନାରାୟଣ ମହାପାତ୍ର ଯୋଗଦେଇ ସ୍ୱେଚ୍ଛାସେବୀଙ୍କ ସେବା ମନୋଭାବକୁ ଉଚ୍ଚ ପ୍ରଶଂସା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଆ ପକ୍ଷ ଅବସରରେ ଓଡ଼ିଆ ଭାଷା ଓ ପରମ୍ପରାର ସୁରକ୍ଷା ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରବନ୍ଧ ପ୍ରତିଯୋଗିତା (ଓଡ଼ିଆ ଅସ୍ମିତାର ଭୂତ ଓ ଭବିଷ୍ୟତ), ବକ୍ତୃତା ପ୍ରତିଯୋଗିତା (ସମୃଦ୍ଧ ଓଡ଼ିଶାର ବାର୍ତ୍ତା- ଓଡ଼ିଆ ଅସ୍ମିତା) ଏବଂ ଆଲୋଚନା ଚକ୍ର (ଓଡ଼ିଶାର ବରପୁତ୍ର) ମାଧ୍ୟମରେ ଯୁବ ପିଢ଼ିଙ୍କ ମଧ୍ୟରେ ସ୍ୱାଭିମାନର ଜାଗରଣ ସୃଷ୍ଟି କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସରୋଜ କୁମାର କମ୍ପ, ସମ୍ମାନିତ ଅତିଥି ଭାବେ ତରଭା ଏନଏସି ସାଂସଦ ପ୍ରତିନିଧି ମାନସ ସାହୁ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟ ନାରାୟଣ ମହାପାତ୍ର ଯୋଗଦେଇ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଆ ସ୍ୱାଦର ସମ୍ଭାର: କାର୍ଯ୍ୟକ୍ରମର ପରିଶେଷରେ ଆମ ରୁଚି-ଆମ ଖାଦ୍ୟ ପାଳନ ଅନୁଯାୟୀ ବିଭିନ୍ନ ପ୍ରକାର ସୁସ୍ୱାଦୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରିବେଷଣ କରାଯାଇଥିଲା, ଯାହା ଉପସ୍ଥିତ ଅତିଥି ଓ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଓଡ଼ିଆ ପରମ୍ପରା ପ୍ରତି ଆଦର ବୃଦ୍ଧି କରିଥିଲା। ଏହି ସମଗ୍ର କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସଂଯୋଜନା କରିଥିଲେ। ବ୍ଲକର ଏପିଓ ସମିତ ମହାକୁର ଜେଆରଏସ ଜିତେନ୍ଦ୍ର ସାହୁ, ବିକ୍ରମ ବିଶି, କିଶୋର ଧରୁଆ ଏବଂ ଉମା ଶଙ୍କର ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଚାଷୀଙ୍କ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇ କମ୍ପାନୀ ଚମ୍ପଟ

# ଚିନ୍ତାରେ କପା ଚାଷୀ



**ଭବାନୀପାଟଣା, ୧୩।୪(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ କର୍ଲାଗୁଡା ଅଞ୍ଚଳର ଶତାଧିକ ଚାଷୀ ଗତ ଡିସେମ୍ବର ମାସରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କପା ବିକ୍ରି କରିଥିଲେ ସୁଦ୍ଧା ଏ ଯାଏଁ କପା ବିକ୍ରିର ଟଙ୍କା ପାଇ ନାହାନ୍ତି। ଯାହାକୁ ନେଇଁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। କପା କ୍ରୟ କରିଥିବା ହାଇଦ୍ରାବାଦର ଚେତନା ଅର୍ଗାନିକ ଏଗ୍ରିକଲଚର ପ୍ରଡୁସର କମ୍ପାନୀ ଲିମିଟେଡ୍, ଆଇସିଏସର ଚନ୍ଦ୍ରଘାଣ୍ଟ କମ୍ପାନୀ ପ୍ରଡୁସର କମ୍ପାନୀ ଲିମିଟେଡ୍ ଗତ ଡିସେମ୍ବର ମାସରେ ଅଞ୍ଚଳର ଚାଷୀଙ୍କ କପା କ୍ରୟକରି ଏକ ସପ୍ତାହରେ ଚାଷୀଙ୍କୁ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇଥିଲେ। ଅଦ୍ୟାବଧି ୪ ମାସ ପରେ କମ୍ପାନୀ ଚାଷୀଙ୍କୁ ଟଙ୍କା ଦେଇପାରିନାହିଁ। ଯାହାକୁ ନେଇଁ ସ୍ଥାନୀୟ ଅଞ୍ଚଳର ଅନେକ ଚାଷୀ ସୋମବାର ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଜରିଆରେ କଳାହାଣ୍ଡି ଏସ୍‌ପି ନାଗରାଜ ଦେବର କୋଣ୍ଡାଙ୍କୁ ଫେରାଦ ହୋଇଛନ୍ତି। ଏ ନେଇ ସେମାନେ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ ମଧ୍ୟ ଦେଇଛନ୍ତି। ତେବେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ଦେବର କୋଣ୍ଡା ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏହି ସମୟରେ ବିସିସି ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା, ସମେତ ସ୍ଥାନୀୟ ଅଞ୍ଚଳର ଚାଷୀ ଉପସ୍ଥିତ ଥିଲେ।

### ହଜିଗଲା ମାନବିକତା

# ଦୁର୍ଘଟଣା ପାଇଁ ଯୁବକକୁ ପିଟିପିଟି ଲହୁଲୁହାଣ

**ଗୋଲାମୁଣ୍ଡା, ୧୩।୪(ସମିସ)**



ଆଜିକା ଦିନରେ ଲୋକେ କେତେ ଯେ ନୃଶଂସ ହେଉଛନ୍ତି ତାହା କହିବା ବହୁତ ମୁସ୍କିଲ। ଆମେ ଶୁଣିଛୁ ଜଙ୍ଗଲରେ ହିଂସ୍ର ଜନ୍ତୁ ଅଛନ୍ତି ବୋଲି ହେଲେ ଜନ୍ତୁ ଠାରୁ ମଧ୍ୟ ମଣିଷ ଅଧିକ ହିଂସ୍ର ହୋଇ ଉଠିଛି। ମଣିଷଙ୍କ ଭିତରେ ଟିକେ ମଧ୍ୟ ମାନବିକତା ନାହିଁ। ଏକ ଛୋଟ ଦୁର୍ଘଟଣା ଘଟାଇଲେ ବୋଲି ଜଣେ ନାବାଳକ ଯୁବକଙ୍କୁ ପିଟି ପିଟି ଲହୁଲୁହାଣ କରିଦେଲେ। ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ହେବା ଘଟଣା ସମଗ୍ର ମାନବ ଜାତିର ମାନବିକତା ଉପରେ ପ୍ରଶ୍ନ ଉଠୁଛି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଉଦେଶରୁଙ୍ଗ ଗ୍ରାମର ବବଲୁ ଷଣ୍ଢ(୧୮) ଗତ ୯ ତାରିଖ ଦିନ ଧର୍ମଗଡ଼ରୁ ବାଇକ୍ ଯୋଗେ ନିଜ ଗାଁ ଉଦେଶରୁଙ୍ଗଙ୍କୁ ଆସୁଥିବା ବେଳେ ଘଟିଆ ଗ୍ରାମ ଠାରେ ଜଣେ ସାଇକଲ ଆରୋହୀଙ୍କୁ ଧକ୍କା ଦେଇଥିଲା। ସାଇକଲ ଆରୋହି ମଧ୍ୟ ସାମାନ୍ୟ ଆହତ ହୋଇଥିଲେ।ହେଲେ ଘଟିଆ ଗ୍ରାମର ଲୋକେ ଦୁର୍ଘଟଣା ଘଟାଇଥିବା ବବଲୁଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଅନ୍ୟ ପକ୍ଷରେ ବବଲୁଙ୍କ ବାଇକ୍ ଓ ମୋବାଇଲକୁ ମଧ୍ୟ ଛଡାଇ ନେଇଛନ୍ତି। ବବଲୁକୁ ଗୁରୁତର ଅବସ୍ଥାରେ ପ୍ରଥମେ ଧର୍ମଗଡ଼, ଭବାନୀପାଟଣା ଓ ପରେ ରାୟପୁର ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ଦୀର୍ଘ ଏକମାସ ତିନି ଦିନ ଚିକିତ୍ସା ପରେ ରବିବାର ଚିକିତ୍ସାଧୀନ ଅବସ୍ଥାରେ ବବଲୁ ଷଣ୍ଢଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ଶବ ଆଣିବା ପାଇଁ ବିଭିନ୍ନ ସୋସିଆଲ ମିଡିଆରେ ଖବର ପାଇ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଗାଡ଼ି ଯୋଗାଡ଼ କରି ଉଦେଶୃଙ୍ଗକୁ ଶବ ଆଣିବାରେ ପୂର୍ଣ୍ଣ ସହଯୋଗ କରିଥିଲେ। ମାଡ଼ ମାରିଥିବା ଲୋକଙ୍କୁ ଗିରଫ ଓ କ୍ଷତିପୂରଣ ଦାବିରେ ପରିବାର ଲୋକେ ନିଜ ଗାଁଉଦେଶରୁଙ୍ଗ ଠାରେ ଶବରଖି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ଗୋଲାମୁଣ୍ଡା ପୁଲିସ ଓ ମାନଝରୀ ରାଜସ୍ୱ ନିରୀକ୍ଷକ ପହଞ୍ଚି ବୁଝା ସୁଝା କରି ରେଡ଼କ୍ରସ ପାଣ୍ଠିରୁ ଦଶ ହଜାର ଟଙ୍କା ପ୍ରଦାନ କରିଥିଲେ। ଅପରପକ୍ଷେ ଗୋଲାମୁଣ୍ଡା ପୁଲିସ ମାମଲା ରୁଜୁ କରି ଦୋଷୀ ଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଯଶୋବନ୍ତ ସେଲମା ପ୍ରକାଶ କରିଥିଲେ। ରାସ୍ତା ରୋକରେ ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ ସଭାପତି ଗିରିଧାରୀ ତେଜି, ଉପସଭାପତି ରେବା କଟା, ଉଦେଶୃଙ୍ଗ ପଞ୍ଚାୟତ ସରପଞ୍ଚ ନାରାୟଣ ଅଗ୍ରିଆ, ଟଙ୍କଧର ବାଗ, ନୃପରାଜ ବନ୍ଦିଛୋଡ, କୃଷ୍ଣଚନ୍ଦ୍ର ନାଗ ସହିତ ଉଦେଶୃଙ୍ଗ ଗ୍ରାମର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।

### ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

### ଶବ ରଖି ପରିବାର ଲୋକଙ୍କ ରାସ୍ତା ଅବରୋଧ

## ପୃଥକ୍ ଦୁର୍ଘଟଣାରେ ୩ ଗୁରୁତର

**କଲମପୁର, ୧୩।୪(ସମିସ):** ସୋମବାର ପୃଥକ୍ ଦୁର୍ଘଟଣାରେ ତିନି ଜଣ ଗୁରୁତର ହୋଇଛନ୍ତି। କଲମପୁର ବେଲପଡ଼ା ନିକଟସ୍ଥ ବାଇକ୍ ସୋରୁମ ନିକଟରେ ଏସବୁ ଦୁର୍ଘଟଣା ଘଟିଛି। ସୂଚନା ଅନୁସାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ହାରମାଲର ବିକ୍ରମ କୁମାର ଓ ପାଜେନ ଗ୍ରମର ଲିଙ୍ଗରାଜ ଶବର ଗୁରୁତର ହୋଇ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେହିଭଳି ସାଇକଲରେ ବରଦୋଳି ଗ୍ରାମର କେତ ମାଝୀ ଯାଉଥିବା ବେଳେ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇ ଯାଇଛି। କଲମପୁର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରୁ ତିନି ଜଣଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ତିନି ଜଣଙ୍କୁ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି। ଘଟଣାର ସୂଚନା ମିଳିବା ପରେ କଲମପୁର ଥାନା ପକ୍ଷରୁ ଏଏସଆଇ ଶିବ ଶଙ୍କର ମହାନ୍ତି ପହଞ୍ଚି ତଦନ୍ତ ଚଳାଇଛନ୍ତି।

## ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି

**ଭବାନୀପାଟଣା, ୧୩।୪ (ସମିସ):** କଳାହାଣ୍ଡି କର୍ଲାମୁଣ୍ଡା ବ୍ଲକ କଣ୍ଡରେଇଗ୍ରାମରେ ଗ୍ରାମବାସୀଙ୍କ ସହଯୋଗକ୍ରମେ ଶ୍ରୀରାମ ନବମୀ ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ଓ ଷୋହଳ ପ୍ରହର ଅନୁଷ୍ଠିତ ହୋଇଛି। ଗୁରୁବାର ଦିନ କଳସଯାତ୍ରା ଗ୍ରାମ ପରିକ୍ରମା କରାଯାଇଥିଲା। ଶୁକ୍ରବାର ସକାଳେ ନାମ ଆରମ୍ଭ ହୋଇଥିଲା। ଷୋହଳପ୍ରହର ନାମଯଜ୍ଞ ରବିବାର ଦିନ ପୂର୍ଣ୍ଣାହୁତି ହୋଇଛି। ଉକ୍ତ ନାମଯଜ୍ଞରେ ୧୬ଟି ସଂକୀର୍ତ୍ତନ ଦଳ ମହାମନ୍ତ୍ର ନାମ ପ୍ରଚାର କରିଥିଲେ। ଶ୍ରଦ୍ଧାଳୁଙ୍କ ପ୍ରବଳ ଜନ ସାମଗମ ଦେଖିବାକୁ ମିଳିଥିଲା। ମୁଖ୍ୟ ପୁରୋହିତ ପ୍ରଭାତ କୁମାର ଦାସ ଓ ନୃସିଂହ କୁମାର ଦାସ ରହିଥିବା ବେଳେ ସୁଶୀଲ କୁମାର ମିଶ୍ର, ରମେଶ ଚନ୍ଦ୍ର ମିଶ୍ର ପୂଜକ, ଜପକ ଭାବରେ ରହିଥିଲେ। ନାମଯଜ୍ଞ କର୍ତ୍ତା ଭାବରେ କରୁଣା ପୁଟେଲ ରେବତୀ ପୁଟେଲ, ରହିଥିଲେ। ସପ୍ତରୁଷି ଭାବରେ ଭକ୍ତ ସାହୁ, ସୂର୍ଯ୍ୟମଣି ମାଝୀ, ପଦ୍ମନ ଭୋଇ, କଳାକାହ୍ନୁ ପୁଟେଲ, ନକୁଳ ପୁଟେଲ, ଦେବାର୍ଚ୍ଚନ ମାଝୀ, ଫଲଗୁନି ପୁଟେଲ ରହିଥିଲେ।

## ଗାୟତ୍ରୀ ଯଜ୍ଞ ପାଇଁ କଳସ ଯାତ୍ରା

**କୋକସରା, ୧୩।୪(ସମିସ):** କୋକସରା ବ୍ଲକର ବାଟିଗୁଡାରେ ଗାୟତ୍ରୀ ମହାଯଜ୍ଞ ଏବଂ ସଂସ୍କାର ମହୋତ୍ସବ ଲାଗି ରବିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ଯଜ୍ଞ ମଣ୍ଡପ ନିକଟରୁ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଇନ୍ଦ୍ରାବତୀ ବାମ କେନାଲ ନିକଟରେ ପହଞ୍ଚି ଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ପୂର୍ଣ୍ଣ ଜଳ କଳସ ଧାରଣ କରି ଯଜ୍ଞ ମଣ୍ଡପକୁ ପ୍ରତ୍ୟାବର୍ତ୍ତନ କରି କଳସ ସ୍ଥାପନ କରିଥିଲେ।କର୍ତ୍ତା ଭାବେ ପରମେଶ୍ୱର ବାଗ ସପତ୍ନୀକ, ବେଣୁଧର ଦଳପତି ସପତ୍ନୀକ, ମଣ୍ଟୁ ନାୟକ ସପତ୍ନୀକ, ତ୍ରିନାଥ ଦଳପତି ସପତ୍ନୀକ, ରଘୁମଣି ସରାଫ ସପତ୍ନୀକ କର୍ତ୍ତା ଭାବେ ରହିଛନ୍ତି।ଯଜ୍ଞ ରବିବାର ଠାରୁ ଆରମ୍ଭ ହୋଇ ମଙ୍ଗଳବାର ଦିନ ସମାପନ ହେବ। ଯଜ୍ଞ କମିଟି ସଭାପତି ପୁରନ୍ଦର ଦଳପତି, ସମ୍ପାଦକ ପିତାମ୍ବର ଦଳପତି, କୋଷାଧ୍ୟକ୍ଷ ଜଗଦାନନ୍ଦ ଦଳପତି ସମେତ ଗ୍ରାମବାସୀ ଗାୟତ୍ରୀ ମହାଯଜ୍ଞରେ ସହଯୋଗ କରୁଛନ୍ତି।

## ମ.ରାମପୁରରେ ଓଡ଼ିଆ ପକ୍ଷ ପାଳିତ

**ମ.ରାମପୁର, ୧୩।୪(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ସଭାଗୃହରେ ଓଡ଼ିଆପକ୍ଷ ପାଳିତ ହୋଇଯାଇଛି। ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଶରତ କୁମାର ସେଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗ ଦେଇଥିଲେ। ଅନ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ପ୍ରଧାନ, ସହକାରୀ ଯନ୍ତ୍ରୀ ବଳବିନ୍ଦର ସିଂହ ଯାଦବ, ପଞ୍ଚାୟତ ଉନ୍ନୟନ ଅଧିକାରୀ କୁଳମଣି ସିଂହ ରାୟ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଶି ମାଝୀ, ସିଡିପିଓ ବିଜୟଶ୍ରୀ ସିଂହ ଯୋଗ ଦେଇ ଓଡ଼ିଆଙ୍କ ପାରମ୍ପରିକ ଖାଦ୍ୟର ଉପକାରିତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସୁଭଦ୍ରା ମା, ମିଶନଶକ୍ତିର ମାଆମାନେ ଆଣିଥିବା ପାରମ୍ପରିକ ବ୍ୟଞ୍ଜନକୁ ଅତିଥିମାନେ ବୁଲି ଦେଖିଥିଲେ। ଶେଷରେ ମିଶନ ଶକ୍ତି ନିଜ ନିଜର ଉପସ୍ଥିତ ଥିଲେ।ବ୍ଲକ ପ୍ରକଳ୍ପ ସଂଯୋଜକ ବିପିନ ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## 'ଲକ୍ଷ୍ମୀବସ୍' ପୁନଃ ଚଳାଚଳ ପାଇଁ ଦାବି



**ଧର୍ମଗଡ଼, ୧୩।୪(ସମିସ):** ଧର୍ମଗଡ଼ ବ୍ଲକ ସାନ କେନ୍ଦୁଗୁଡ଼ା ପଦମପୁର ଓ ଶାଗ ବାହାଲି ଗାଆଁକୁ ଓ ବଡ ଫୁର୍ଲା ପଞ୍ଚାୟତର ବଡଫୁର୍ଲାକୁ ଲକ୍ଷ୍ମୀବସ୍ ଚାଲିବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଲକ୍ଷ୍ମୀବସ୍ ନଚାଲିବାରୁ କଲେଜ ଛାତ୍ରଛାତ୍ରୀ, ଚାଷୀ ମୂଲିଆ ମହିଳା ଓ ପୁରୁଷମାନେ ଧର୍ମଗଡ଼ ଉପଖଣ୍ଡକୁ ଦୈନନ୍ଦିନ ଯିବା ଆସିବା ପାଇଁ ହଇରାଣ ହରକତ ଓ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। ଗତ ୪ ଅପ୍ରେଲ ୨୦୨୬ ଦିନ ଧର୍ମଗଡ଼ ବ୍ଲକ ତେଣ୍ଡାପାଲି ଗ୍ରାମରେ ବିଜେଡିର ପଞ୍ଚାୟତସ୍ତରିୟ କାର୍ଯ୍ୟକର୍ତ୍ତା ବୈଠକ ଚାଲିଥିବା ବେଳେ ଲକ୍ଷ୍ମୀବସ୍ ପୁନଃ ଚଳାଚଳ ନେଇ କିଛି ଗ୍ରାମବାସୀ ଅନୁରୋଧ କରିଥିଲେ। ସୋମବାର ବିଜେଡି ବ୍ଲକ ସଭାପତି ଡାକେ ଲହଜଲଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲ୍ଲା ଉପସଭାପତି ଥବିର ପ୍ରସାଦ ସାହୁ, ମହିଳା ସଭାନେତ୍ରୀ ମମତାରାଣୀ ଗୋପାଳ, ଆଇନଜୀବୀ ରାଜେନ୍ଦ୍ର ମୁନି ସନ୍ତୋଷ ପାଢ଼ୀ, ପ୍ରମୋଦ ହଂସ ରତନ ନାଏକ, ନବକିଶୋର ମେହେର, ପୂର୍ଣ୍ଣଚନ୍ଦ୍ର ମେହେର ପ୍ରମୁଖ ଧର୍ମଗଡ଼ ଉପ ଜିଲ୍ଲାପାଳ ଓ ବିଡ଼ିଓଙ୍କୁ ଦାବିପତ୍ର ଦେଇ ଉକ୍ତ ଅଞ୍ଚଳରେ ଶୀଘ୍ର ଲକ୍ଷ୍ମୀବସ ଚାଲିବା ଓ ପୂର୍ବ ଭଳି ମହିଳାଙ୍କ ଠାରୁ ୫ଟଙ୍କା ଓ ପୁରୁଷଙ୍କ ଠାରୁ ୧୦ଟିକେଟ ମୂଲ୍ୟ ନେବା ପାଇଁ ଦାବି ଜଣାଇଥିଲେ। ପ୍ରଶାସନ ଏଦିଗରେ ପଦକ୍ଷେପ ଗ୍ରହଣ ନକଲେ ବିଜୁ ଜନତା ଦଳ ଆଗାମୀ ଦିନରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି।

## ଏମଡିଏମ୍ ପାଚିକା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**ଲାଞ୍ଜିଗଡ଼, ୧୩।୪(ସମିସ):** ନିଖିଳ ଓଡ଼ିଶା ଏମଡ଼ିଏ ପାଚିକାସହାୟିକା ସଂଘ ରାଜ୍ୟ ସଭାପତି ଅକ୍ଷୟ କୁମାର ମେହେରଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଶାଖା ପକ୍ଷରୁ ୧୫ଦଫା ଦାବି ନେଇ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ।ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବସିବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସେଥି ମଧ୍ୟରୁ ଦାବି ସମୂହ ଗୁଡିକ ହେଲା ପାଚିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଓ ମାସିକ ସର୍ବନିମ୍ନ ମଜୁରୀ ପ୍ରଦାନ କରାଯାଉ, ପାଚିକାମାନଙ୍କୁ ୧୦ମାସର ପରିବର୍ତ୍ତେ ୧୨ମାସର ପାରିଶ୍ରମିକ ପ୍ରଦାନ ସହ ବିଭିନ୍ନ ଦାବି ରହିଛି। ଲାଞ୍ଜିଗଡ଼ ବ୍ଲକ ସଭାପତି ଅହଲ୍ୟା ପ୍ରଧାନୀ, ସମ୍ପାଦିକା ଶ୍ରୀମତୀ ପ୍ରଧାନୀ, କୋଷାଧ୍ୟକ୍ଷ ବିରଞ୍ଚି ବିଶି, କାର୍ଯ୍ୟ କାରୀ କମିଟି ସଦସ୍ୟ ମଞ୍ଜୁଲା ରାଉତ, ବ୍ଲକ କମିଟି ଲକ୍ଷ୍ମୀ ପାତ୍ର, ଲତା ଗଉଡ, ଯମୁନା ଚନ୍ଦନ, ଶୈଳସୁତା ପ୍ରଧାନୀ, ସାଗରିକା ପେସନିଆ, ମିନତି ପାତ୍ର, ଭବାନୀ ପୂଝାରୀ ବୈଦେହି ହରିଜନ, ହେମଲତା ବେହେରା, ବାସନ୍ତୀ ବେହେରା ପ୍ରମୁଖଙ୍କ ସମେତ ସମସ୍ତ ପାଚିକା ସହାୟିକା ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।



## ବାବାସାହେବଙ୍କ ଧ୍ୱଜାରୋହଣ ସମାରୋହ

**ଲାଞ୍ଜିଗଡ଼, ୧୩।୪ (ସମିସ):** ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀ ଅବ୍ୟବହିତ ପୂର୍ବରୁ ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁରଠାରେ ଧ୍ୱଜାରୋହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ଦଳିତ ଆଦିବାସୀ ମହାସଂଘ, ଲାଞ୍ଜିଗଡ଼ ବ୍ଲକ ଶାଖାର ସଭାପତି ହରିଶଙ୍କର ପାତ୍ର ଯୋଗଦେଇ ଧ୍ୱଜାରୋହଣ ପର୍ବରେ ସାମିଲ ହୋଇଥିଲେ। ଦଳିତ ଆଦିବାସୀ ମହାସଂଘ, କଳାହାଣ୍ଡିର ସାଧାରଣ ସମ୍ପାଦକ ତଥା ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନର ପ୍ରତିଷ୍ଠାତା ସଦସ୍ୟ ସୁଶୀଲ କୁମାର ବାଗଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଭୁବନେଶ୍ୱର ଭୋଇ, ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନ, ଗୋବର୍ଦ୍ଧନପୁର ପଞ୍ଚାୟତ ସଭାପତି ଘାସିରାମ ବାଗ, ସାଧାରଣ ସମ୍ପାଦକ ଯୁଧିଷ୍ଠିର କରୁଆଁ, ଯୁବ ସଭାପତି ଜଳଧର ସାଗର, ସାଧାରଣ ସମ୍ପାଦକ ବିକ୍ରମ ଛତ୍ରିଆ, ମୋହନ ବାଗ, ଅଜୟ ସୁନା, ଗଉର ବାଗ, ଧର୍ମେନ୍ଦ୍ର ସେନାପତି, ଉପଦେଷ୍ଟା ଯୋଗେଶ୍ୱର ସେନାପତି, ସୁରୁ ବାଗ, ଗୁଣସାଗର ସୁନା, ବିଶ୍ୱମ୍ଭର ନିଆଲ, ଦୀନ କୁମାର, ଛାୟା ସୁନା, କୁନ୍ଦଲତା ବାଗ, ଜୟନ୍ତୀ ବିଶି ପ୍ରମୁଖ ଯୋଗ ଦେଇଥିଲେ। ଗୋପାଳପୁର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ଫୁଲ ହୋଇ ଫୁଟିବି' କବିତା ସଙ୍କଳନ ଉନ୍ମୋଚନ ଉତ୍ସବ

**ଜୁନାଗଡ଼, ୧୩।୪(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁ କବି କୁମୁଦିନୀ ଘିଙ୍କ ପ୍ରଥମ କବିତା ସଙ୍କଳନ 'ଫୁଲ ହୋଇ ଫୁଟିବି'ର ଉନ୍ମୋଚନ ଉତ୍ସବ, ଜିଲ୍ଲାସ୍ତରୀୟ କବିତା ଆସର ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶ୍ରବଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ତନ୍ମୟ କୁମାର ଦରୱାନ ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟବକ୍ତାଉମେଶ ଚନ୍ଦ୍ର ଶତପଥୀ ବିଶିଷ୍ଟ ଗବେଷକ ଓ ସାହିତ୍ୟିକ, ସମ୍ମାନିତ ଅତିଥି ଭାବେ ସିମାଞ୍ଚଳ ନାଗ, ବଙ୍କିମ ମୁଣ୍ଡ, ବିରଞ୍ଚି ନାରାୟଣ ମୁଣ୍ଡ, କଳ୍ପନା ରଥ, ଲଳିତ କାନୁନ ଗୋ, ବିଶ୍ୱନାଥ କର, ଦୁର୍ଗା ପ୍ରସାଦ ନାଏକ, ହେମନ୍ତ ମୁଣ୍ଡ, ରାଧେଶ୍ୟାମ ପଣ୍ଡା, ଦେବେନ୍ଦ୍ର ବିଶି, ଅଶୋକ ପଟ୍ଟନାୟକ ମଞ୍ଚାସୀନ ହୋଇଥିଲେ। ଅତିଥିମାନଙ୍କ ଦ୍ୱାରା 'ଫୁଲ ହୋଇ ଫୁଟିବି' କବିତା ସଙ୍କଳନ ଉନ୍ମୋଚିତ ହେବା ସହିତ ବିଶିଷ୍ଟ କବି ଓ ଗବେଷକ ସିମାଞ୍ଚଳ ନାଗ, ବିଶିଷ୍ଟ କବି ଓ ନାଟ୍ୟକାର ବିରଞ୍ଚି ନାରାୟଣ ମୁଣ୍ଡ, ଅ' ପତ୍ରିକାର ମୁଖ୍ୟ ସମ୍ପାଦକ ତପନ କୁମାର ସାହୁ, ମହାନ ଆମ ମାତୃଭାଷା ସଂଘର ସଭାପତି ରାଜେଶ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ବିଶିଷ୍ଟ କବି ପ୍ରେମଲାଲ ବାଗ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବ୍ରଜ କିଶୋର ମିଶ୍ର। ବିଶିଷ୍ଟ କବି ଉଦ୍ଧବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି କୈଳାସ ରାଉତ ବିଶିଷ୍ଟ ସାହିତ୍ୟିକ ଓ ମୁଖ୍ୟବକ୍ତା ପଦ୍ମଲୋଚନ ମିଶ୍ର ବିଶିଷ୍ଟ ସାହିତ୍ୟିକ, ସମ୍ମାନିତ ଅତିଥି ଭାବେ ସୁଧୀର ମେହେର, ଅଜୟ କୁମାର ପଣ୍ଡା ନିର୍ଦ୍ଦେଶକ ପ୍ରଗତି ଶିକ୍ଷାନୁଷ୍ଠାନ, ପ୍ରିୟମଞ୍ଜରୀ ପଣ୍ଡା ଅଧ୍ୟକ୍ଷା, ସନ୍ତୋଷ ସିଂ ଦେଓ, ପ୍ରିୟବ୍ରତ ବାଣୁଆ, ମଳୟ ମୁଣ୍ଡ, କବୟିତ୍ରୀ ପଲ୍ଲବୀ ଦାସ, ପ୍ରେମାନନ୍ଦ ଘି ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା କରିଥିଲେ ବ୍ରଜ କିଶୋର ମିଶ୍ର। ଶିବ ପ୍ରସାଦ ମହାରଣା ଓ ଭାଗିରଥୀ ସାଗରଙ୍କ ସଂଯୋଜନାରେ ଷାଠିଏରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ।ଶେଷରେ କର୍ତ୍ତବ୍ୟର ମୁଖ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର

**ନୂଆପଡ଼ା/ଖଡ଼ିଆଳ, ୧୩।୪(ସମିସ):** ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ରେଡ଼କ୍ରସ ବିଭାଗର ମିଳିତ ଆନୁକୂଲ୍ୟରେ ଶିବିର ଅନୁଷ୍ଠିତ ହୋଇଥିଲା। ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ଼.ତରୁଣ କୁମାର ପ୍ରଧାନ, ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ଼.ଗୀତାଶ୍ରୀ ପ୍ରିୟମ୍ବଦା, ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଡ଼.ସୁରଞ୍ଜନ ପ୍ରଧାନ, ଅଧ୍ୟାପକ ଜିତେନ୍ଦ୍ର କଳସାଇ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ କ୍ୟାପଟେନ ଡ଼. ବିଷ୍ଣୁ ଦେବ ସିଂ ମଲ୍ଲିକ, ଜିଲ୍ଲା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ପ୍ରଣତି ପଣ୍ଡା, ଅଧ୍ୟାପିକା ଡ଼. କାଜଲ ମେହେର, ଅଧ୍ୟାପିକା ସାଗରିକା ପଣ୍ଡା, ୱାଇଆରସି ଅଧିକାରୀ ଅଧ୍ୟାପିକା ରାଜେଶ୍ୱରୀ କରୁଁଆ, ଅଧ୍ୟାପିକା ତନୁଜା ସାହୁ ପ୍ରମୁଖ ତତ୍ତ୍ୱାବଧାନରେ ରକ୍ତ ଦାନ ଶିବିର କାର୍ଯ୍ୟକାରୀ ହୋଇଥିଲା। ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ରକ୍ତଦାନ କରିଥିଲେ। ଡାକ୍ତର ବିଶାଳ ପଣ୍ଡାଙ୍କ ନେତୃତ୍ୱରେ ନୂଆପଡ଼ା ଏବଂ ଖଡ଼ିଆଳ ଡାକ୍ତରଖାନାର ରକ୍ତଦାନ ସଂଗ୍ରହ ଦଳ ଯୋଗ ଦେଇଥିଲେ। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସମସ୍ତ ସହଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।।




## କୁରେଶ୍ୱର ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ସଭା

**ନୂଆପଡ଼ା/ଖଡ଼ିଆଳ, ୧୩।୪(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତର ଉଦ୍ୟାନବନ୍ଧ ଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।କୋମନା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମଓ ଡ. ଧନେଶ୍ୱର ସେଠୀ, ବ୍ଲକ ଅଧ୍ୟକ୍ଷା ଅନୁସୁୟା କୁମ୍ଭାର, ବିଡିଓ ପବିତ୍ର କୁମାର ସାମଲ, ତହସିଲଦାର ସର୍ବେଶ୍ୱର ଜାଲ ଓ ସ୍ଥାନୀୟ ସରପଞ୍ଚ ସତ୍ୟବାନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ଅତିଥି, ଅଧିକାରୀ ଓ ଉପସ୍ଥିତ ଜନସାଧାରଣଙ୍କୁ ସ୍ୱାଗତ ଜଣାଇ ସଭା ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଶ୍ରମିକ, କୃଷକ ଓ ମହିଳାମାନଙ୍କ ପାଇଁ ରହିଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଅବସରରେ 'ଝିଅ ପାଇଁ ଗଛଟିଏ' ଓ 'ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ନବଜାତ କନ୍ୟା ଶିଶୁ ରୀୟଂଶିଙ୍କୁ କୋଳରେ ଧରି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ମନରେଗାରେ ୧୦୦ ଦିନରୁ ଅଧିକ କାମ କରିଥିବା ଶ୍ରମିକମାନଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରମ ବିଭାଗ ପକ୍ଷରୁ ରେଖାରାମ ଅହିର ଓ ପୂର୍ଣ୍ଣିମା ମାଝୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ବିବାହ ସହାୟତା ପ୍ରଦାନ କରାଯାଇଥିଲା।ଚନ୍ଦ୍ର କୁମ୍ଭାର, କଶ୍ୟପ ସାଗରିଆ ଓ ପ୍ରଫୁଲ୍ଲ ମଲ୍ଲିକଙ୍କୁ ସ୍ୱଚ୍ଛତା ଦୂତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅବସରରେ ପକ୍ଷୀମାନଙ୍କ ପାଇଁ ଖାଦ୍ୟ, ଜଳ ଓ ବାସସ୍ଥାନ ବ୍ୟବସ୍ଥା କରାଯାଇଥିଲା। ଶେଷରେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀମାନେ ପ୍ରବାସୀ ଶ୍ରମିକ ଜଳନ୍ଧର ବେମାଲଙ୍କ ଘରକୁ ପରିଦର୍ଶନ କରି ତାଙ୍କ ପରିବାର ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ କୋମନା ବିଡିଓ, ତହସିଲଦାର, ପଞ୍ଚାୟତିରାଜ ବିଭାଗ ଓ ଜଙ୍ଗଲ ବିଭାଗର ସମନ୍ୱୟରେ ଆୟୋଜନ କରାଯାଇଥିଲା।



### ଅସହ୍ୟ ଖରାରେ ଲୋକେ କଲବଲ

# ଟ୍ରାଫିକ ପୋଷ୍ଟରେ ସେଡ୍ ନିର୍ମାଣ ଦାବି

**କେସିଙ୍ଗା, ୧୩।୪(ସମିସ)**



କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଛକରେ କେସିଙ୍ଗା ଏନ୍‌ଏସି ପକ୍ଷରୁ ଦୁଇ ବର୍ଷ ପୂର୍ବେ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ କମ୍ପ୍ୟୁଟର ଚାଳିତ ସିଗନାଲ ଲାଇଟ୍ ବ୍ୟବହାର କରାଯାଇ ଟ୍ରାଫିକ ନିୟନ୍ତ୍ରଣ କରାଯାଉଛି।ପ୍ରତିଦିନ ସକାଳ ୬ ରୁ ରାତ୍ରି ୯ଟା ପର୍ଯ୍ୟନ୍ତ ସହରରେ ଟ୍ରାଫିକ ନିୟନ୍ତ୍ରଣ କରାଯାଉଛି।କେସିଙ୍ଗା ପୁଲିସ ପକ୍ଷରୁ ମଧ୍ୟ ଜଣେ ପୁଲିସ କର୍ମଚାରୀଙ୍କୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଡ୍ୟୁଟି ମଧ୍ୟ ଦିଆଯାଇଛି। ବର୍ତ୍ତମାନ ଖରା ପ୍ରଖର ହେବାରେ ଲାଗିଛି। କଳାହାଣ୍ଡିରେ ପାରା ୪୦ ଡିଗ୍ରୀ ପାର କରିସାରିଲାଣି। ଲୋକେ କିଛି କାମ ପାଇଁ ସହରକୁ ଆସିଲେ ଛାଇ ଖୋଜୁଛନ୍ତି।ହେଲେ କେସିଙ୍ଗା ଟ୍ରାଫିକ ପୋଷ୍ଟରେ ହେଉଛି ଅନେକ ସମସ୍ୟା କାରଣ ରେଡ ଲାଇଟ୍‌ରୁ ଗ୍ରୀନ ଲାଇଟ ଆସିବା ପାଇଁ କମ୍ପ୍ୟୁଟରରେ ପ୍ରାୟ ୭୫ ସେକେଣ୍ଡ ଧାର୍ଯ୍ୟ କରାଯାଇଛି। ଫଳରେ ପ୍ରାୟ ଦେଢ଼ ମିନିଟ୍ ଟ୍ରାଫିକ ପୋଷ୍ଟରେ ଠିଆ ହେବାରେ ମୁଖ୍ୟତଃ ବାଇକ୍ ଚାଳକଙ୍କ ପାଇଁ ଅନେକ ଅସୁବିଧା ହେଉଛି।ଗତ ବର୍ଷ ମଧ୍ୟ ଏନ୍‌ଏସି ପକ୍ଷରୁ ସେଡ୍ ନିର୍ମାଣ କରାଯାଇ ନ ଥିଲା କି ଚଳିତ ବର୍ଷ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଟ୍ରାଫିକ ପୋଷ୍ଟରେ ଛାଉଣୀ ପାଇଁ ସେଡ ନିର୍ମାଣ କରାଯାଇ ନାହିଁ। ଲକ୍ଷ ଲକ୍ଷ ଟଙ୍କା ରେ ତିଆରି ଭେଣ୍ଡିଂ ଜୋନ, କଂସେଇ ଖାନା ତିଆରି ହୋଇ କାମରେ ଆସୁନି କିନ୍ତୁ ଖରା ଚାରିମାସ ପାଇଁ ଟ୍ରାଫିକ ପୋଷ୍ଟ ରେ ଗୋଟେ ଅସ୍ଥାୟୀ ସେଡ ନିର୍ମାଣ ପାଇଁ ଏନ୍‌ଏସି କାହିଁକି ପଛ ଘୁଞ୍ଚା ଦେଉଛି ଜଣାପଡୁ ନାହିଁ। ଓଡ଼ିଶାର ବିଭିନ୍ନ ସହରରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଖାରାରୁ ରକ୍ଷା କରିବା ପାଇଁ ସେଡ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳୁଛି। ଏମିତିକି ଭବାନୀପାଟଣା, ଜୁନାଗଡ଼ ରେ ମଧ୍ୟ ଟ୍ରାଫିକ ପୋଷ୍ଟ ରେ ଅସ୍ଥାୟୀ ସେଡ ନିର୍ମାଣ ସରିଯାଇଥିବା ବେଳେ କେସିଙ୍ଗାରେ ବ୍ୟତିକ୍ରମ ଦେଖାଯାଉଛି। ଉକ୍ତ ବିଷୟରେ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କ ସହିତ ଆଲୋଚନା କରିଥିଲୁ ସେ କହିଥିଲେ ଯେ ଚଳିତ ବର୍ଷ ଭୀଷଣ ତାତି ହେବାର ଅନୁମାନ କରାଯାଉଛି। ସେହି ହିସାବରେ କିଛି ଦିନ ମଧ୍ୟରେ ଟ୍ରାଫିକ ପୋଷ୍ଟରେ ସମସ୍ୟା ନ ଉପୁଜିବା ପାଇଁ ମାଷ୍ଟର ପ୍ଲାନ୍ ତିଆରି କରାଯିବ ବୋଲି କହିଛନ୍ତି।

